

## ତରୁଣ ତୋରଣ

କୌଣସି ଏକ ସାକ୍ଷାତ୍‌କାରରେ ଗାଳ୍ପିକ ତରୁଣକାନ୍ତି ମିଶ୍ର ପ୍ରକାଶ କରିଥିଲେ- "ମୁଁ ସବୁବେଳେ ଚେଷ୍ଟା କରିଛି ମୋ ନିଜ ଢଙ୍ଗରେ ଓ ମୋ ନିଜ ଭାଷାରେ କାହାଣୀଟି କହିବାକୁ । ବୋଧହୁଏ ସେଇଥିପାଇଁ ଅନେକ ପାଠକ ଓ ସମାଲୋଚକ କହିଥା'ନ୍ତି ଯେ ମୁଁ ଗତାନୁଗତିକ ଧାରାର ଲେଖକ; ବୈଚିତ୍ର୍ୟହୀନ ଓ ବିଶେଷତ୍ୱହୀନ ।" ମାତ୍ର ତାଙ୍କ  କଥାସାହିତ୍ୟ ଶବ୍ଦର ସ୍ୱାଚ୍ଛନ୍ଦ୍ୟ ଓ ମମତାର ମାଧୁର୍ଯ୍ୟରେ କିଭଳି ବୈଚିତ୍ର୍ୟମୟ ଓ ବିଶେଷତ୍ୱମଣ୍ଡିତ, ତାହାର ସାମାନ୍ୟତମ ଆଭାସ ପ୍ରଦାନ କରିବାର ବିନମ୍ର ପ୍ରୟାସ 'ତରୁଣ ତୋରଣ' ।

## ପରିଚିତି

| | | |
|---|---|---|
| ନାମ | : | ତରୁଣକାନ୍ତି ମିଶ୍ର |
| ଜନ୍ମ | : | ୦୩-୦୮-୧୯୫୦ |
| ଜନ୍ମସ୍ଥାନ | : | କେନ୍ଦୁଝର ଗଡ଼ |
| ପିତା | : | ✓ ଇଂ. ଯୁଧିଷ୍ଠିର ମିଶ୍ର |
| ମାତା | : | ✓ ତିଲୋତ୍ତମା ମିଶ୍ର |
| ପତ୍ନୀ | : | ସୁନନ୍ଦା ମିଶ୍ର |
| ଭ୍ରାତା | : | ଅରୁଣକାନ୍ତି, ସରୋଜକାନ୍ତି, ଅମିୟକାନ୍ତି, ଅଶୋକକାନ୍ତି |
| ଭଗ୍ନୀ | : | କଲ୍ୟାଣୀ |
| ପୁତ୍ର | : | ସନ୍ଦୀପନ |
| କନ୍ୟା | : | ମନୀଷା ମନସ୍ୱିନୀ |
| ଶିକ୍ଷା | : | ପ୍ୟାରୀମୋହନ ଏକାଡେମୀ, କଟକରୁ ମାଟ୍ରିକ (୧୯୬୬), ରେଭେନ୍ସା ମହାବିଦ୍ୟାଳୟ, କଟକରୁ ପ୍ରି-ଡିଗ୍ରୀ (୧୯୬୮), ବି.ଜେ.ବି. ମହାବିଦ୍ୟାଳୟ, ଭୁବନେଶ୍ୱରରୁ ସ୍ନାତକ (୧୯୭୦), ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ ସ୍ନାତକୋତ୍ତର (ଅର୍ଥନୀତି, ୧୯୭୨), ଇଷ୍ଟ ଆଙ୍ଗ୍ଲିଆ ବିଶ୍ୱବିଦ୍ୟାଳୟ, ଇଂଲଣ୍ଡରୁ ସ୍ନାତକୋତ୍ତର (ଡେଭେଲପମେଣ୍ଟ୍ ଷ୍ଟଡିଜ୍, ୧୯୯୦) । |
| ବୃତ୍ତି | : | ଆଲାଏଡ୍ ସର୍ଭିସ୍ (ଆୟକର ବିଭାଗ)ରେ ଯୋଗଦାନ (୧୯୭୨), ଭାରତୀୟ ପ୍ରଶାସନିକ ସେବାରେ ଯୋଗଦାନ (୧୯୭୫), ୩୧ ଅଗଷ୍ଟ, ୨୦୧୦ରେ ରାଜ୍ୟର ମୁଖ୍ୟ ଶାସନ ସଚିବ ପଦବୀରୁ ଅବସର ଗ୍ରହଣ । (ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୦୯ ମସିହାରେ 'ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍' ସଂସ୍ଥାପିତ 'Think Odisha Leadership Award'ରେ ସମ୍ମାନିତ) । |
| ସାମ୍ପ୍ରତିକ ଠିକଣା | : | ୧୩୭, ଲୁଇସ୍ ରୋଡ୍, ବି.ଜେ.ବି. ନଗର, ଭୁବନେଶ୍ୱର, ପିନ୍-୭୫୧୦୧୪ । |
| ଭ୍ରାମ୍ୟଭାଷ | : | ୯୩୩୭୧୦୨୩୪୦ |

## କୃତି

ଉପନ୍ୟାସ: ଶରଦଃ ଶତମ୍ (୨୦୦୫, ବିଦ୍ୟାପୁରୀ) ।

ଗଳ୍ପ ସଂକଳନ: (୧)ଆବର୍ତ୍ତର ଦୁଇଟି ସ୍ୱର (୧୯୬୮, ଶ୍ରୀରାମ ପ୍ରେସ୍), (୨) ନିଃସଂଗତାର ସ୍ୱର (୧୯୮୦, କଟକ ଷ୍ଟୁଡେଣ୍ଟ୍ସ ଷ୍ଟୋର), (୩) କୋମଳ ଗାନ୍ଧାର (୧୯୮୩, ଫ୍ରେଣ୍ଡ୍ସ ପବ୍ଲିଶର୍ସ), (୪) ବହୁବ୍ରୀହି (୧୯୮୮, ଫ୍ରେଣ୍ଡ୍ସ ପବ୍ଲିଶର୍ସ), (୫) ପାରାଡାଇଜ ପକ୍ଷୀ ଓ ଜଣେ ନିରସ୍ତ୍ର ଆତତାୟୀ (୧୯୯୪, ବିଦ୍ୟାପୁରୀ), (୬) ବୀତଂସ (୧୯୯୬, ଫ୍ରେଣ୍ଡ୍ସ ପବ୍ଲିଶର୍ସ), (୭) ପ୍ରଜାପତିର ଡେଣା ନାହିଁ (୧୯୯୭, ଜ୍ଞାନଯୁଗ ପବ୍ଲିକେଶନ), (୮) ଆକାଶ ସେତୁ (୧୯୯୯, ବିଦ୍ୟାପୁରୀ), (୯) ଲୁବ୍ଧକର ରାତି (୨୦୦୨, ଫ୍ରେଣ୍ଡ୍ସ ପବ୍ଲିଶର୍ସ), (୧୦) ନିର୍ବାଚିତ ଗଳ୍ପ (୨୦୦୩, ଚତୁରଙ୍ଗ ପ୍ରକାଶନୀ), (୧୧) ଆଜି ରାତିର ଗଳ୍ପ (୨୦୦୫, ଫ୍ରେଣ୍ଡ୍ସ ପବ୍ଲିଶର୍ସ), (୧୨) ଜହ୍ନରାତିର ଗପ, ସରିନାହିଁ...(୨୦୧୦, ବିଦ୍ୟାପୁରୀ), (୧୩) ରଜନୀଗନ୍ଧା (୨୦୧୦, ଟାଇମ୍‌ପାସ୍), (୧୪) ସକାଳର ମାନଚିତ୍ର (୨୦୧୨, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ), (୧୫) ଭାସ୍ୱତୀ (୨୦୧୪, ବିଦ୍ୟାପୁରୀ), (୧୬) ସଂବହନ (୨୦୧୪, ସମନ୍ୱୟ), (୧୭) କେହିଜଣେ ଏକା ଏକା (୨୦୧୭, ପକ୍ଷୀଘର), (୧୮)ତରୁଣକାନ୍ତି ମିଶ୍ର : ଶ୍ରେଷ୍ଠଗଳ୍ପ (୨୦୧୭, ଟାଇମ୍‌ପାସ୍) ।

ହିନ୍ଦୀ ଗଳ୍ପ ସଂକଳନ: ଇତ୍‌ନୀ ଦୂର୍ (୨୦୦୧, ଭାରତୀୟ ଜ୍ଞାନପୀଠଦ୍ୱାରା ପ୍ରକାଶିତ କେତୋଟି ଚର୍ଚ୍ଚିତ ଗଳ୍ପର ହିନ୍ଦୀ ଅନୁବାଦ) ।

ଏତଦ୍‌ଭିନ୍ନ ତାଙ୍କର ବହୁ ଗଳ୍ପ ଇଂରାଜୀ, ହିନ୍ଦୀ, ବଂଗଳା, ଉର୍ଦ୍ଦୁ, ତେଲୁଗୁ, ମାଲାୟାଲମ, ମରାଠୀ, ଗୁଜୁରାଟୀ ଓ ବର୍ମୀୟ ଭାଷାରେ ଅନୂଦିତ ।

# ସ୍ୱୀକୃତି

■ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର (‘ବୀତଂସ’ ଗଳ୍ପ ସଂକଳନ ପାଇଁ, ୧୯୯୭) ■ ଝଙ୍କାର ଗଳ୍ପ ପୁରସ୍କାର (୧୯୯୭) ■ ଉତ୍କଳ ସାହିତ୍ୟ ସମାଜ ପ୍ରଦତ୍ତ ‘ଫକୀରମୋହନ ଗଳ୍ପ ପୁରସ୍କାର’ (୧୯୯୮) ■ କଥା ପୁରସ୍କାର (ନୂଆଦିଲ୍ଲୀ, ୧୯୯୮) ■ ଶାରଳା ପୁରସ୍କାର (‘ଆକାଶ ସେତୁ’ ଗଳ୍ପ ସଂକଳନ ପାଇଁ, ୨୦୦୧) ■ ରାଜଧାନୀ ପୁସ୍ତକମେଳା ପୁରସ୍କାର (୨୦୦୨) ■ ବର୍ତ୍ତିକା ସମ୍ମାନ (୨୦୦୨) ■ ପ୍ରଜ୍ଞାଶ୍ରୀ ସମ୍ମାନ (୨୦୦୩) ■ ଆକାଶବାଣୀ ସମ୍ବର୍ଦ୍ଧନା (କଟକ, ୨୦୦୭) ■ ଚିନ୍ତା ଓ ଚେତନା ପୁରସ୍କାର (୨୦୦୮) ■ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ପ୍ରଦତ୍ତ ‘ଅକ୍ଷୟ ସମ୍ମାନ’ (୨୦୦୮) ■ ସୁଲେଖା ସମ୍ମାନ (୨୦୦୮) ■ କାଦମ୍ବିନୀ ସମ୍ମାନ (୨୦୦୯) ■ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରଦତ୍ତ ‘ଭୂମିପୁତ୍ର ସମ୍ମାନ’ (୨୦୦୯) ■ ଟାଇମ୍‌ପାସ୍ ବେଷ୍ଟ ସେଲର୍ ଆୱାଡ (୨୦୧୧) ■ କେନ୍ଦୁଝର ବିକାଶ ମଞ୍ଚ ପୁରସ୍କାର (୨୦୧୨) ■ ଧ୍ୱନି ପ୍ରତିଧ୍ୱନି ସାରସ୍ୱତ ସମ୍ମାନ (୨୦୧୨) ■ ତୀର ତରଙ୍ଗ ପୁରସ୍କାର (୨୦୧୩)।



ଶାରଳା ପୁରସ୍କାର ଗ୍ରହଣ ଅବସରରେ

## ଝଲକ

ଛୋଟ ବଡ଼ ପ୍ରତି ଶିଳ୍ପୀ ମନରେ ହୁଏତ ଏଇ ସନ୍ଦେହ ଥାଏ, ଏଇ ଶଙ୍କା ବି । କଳ୍ପନାର ଗୋଟିଏ ରୂପକୁ ଜୀବନ୍ୟାସ ଦେଉଥିବା ପ୍ରତି କଳାକାର ଭିତରେ ଏକ ନ ପାରିଲାପଣର କ୍ଷୁଦ୍ରବୋଧ ଥାଏ ।

**ଅଜଣା ତିଥିର ଜହ୍ନ-ବହୁବ୍ରୀହି-ତରୁଣକାନ୍ତି ମିଶ୍ର**

କେମିତି ଲେଖାଯାଏ ମନକୁ ଛୁଇଁଯିବା ପରି ଗୋଟିଏ ଗପ ? କ'ଣ ଥାଏ ସେଥିରେ, ପୁଣି କ'ଣ ନ ଥିବାର ହିଁ କଥା ! ସତ ହିଁ କହିବି, ମୋତେ ସେ କଥା ଆଦୌ ଜଣା ନାହିଁ । ତେବେ ଏ କଥା ବି କ'ଣ ସତ ଯେ ଅଧିକାଂଶ ଲେଖକଙ୍କୁ ଜଣା ନ ଥାଏ ସୁନ୍ଦର କାହାଣୀଟି କିପରି ହେବା ଦରକାର, କ'ଣ ଥିଲେ ହିଁ ଗଳ୍ପଟି ଉତ୍ତୀର୍ଣ୍ଣ ହୋଇଯାଏ ଜୀବନ ଓ ମହାକାଳର ଊର୍ଦ୍ଧ୍ୱକୁ !

**ଆଜି ରାତିର ଗଳ୍ପ-ଆଜି ରାତିର ଗଳ୍ପ-ତରୁଣକାନ୍ତି ମିଶ୍ର**

କାହିଁକି ପୃଥିବୀ ଏତେ ସୁନ୍ଦର ? କାହିଁକି ଫୁଲଟିଏ ଏତେ ସୁନ୍ଦର ବାସେ ? କାହିଁକି ମେଘ ଆଉ ତାରା ଅନ୍ତରାଳରେ ସ୍ୱପ୍ନର ଛାୟାପଥ ଲମ୍ବିଯାଏ ଦୂରକୁ ? କାହିଁକି ମଣିଷ ଦେହ-ମନ-ଆତ୍ମାର ଅମୁହାଁ ଦେଉଳ ଭିତରେ ଅକାରଣ ଅନୁରଣିତ ହୋଇଉଠେ ବିଚିତ୍ର ଏକ ସଂଗୀତ? କାହିଁକି ?

**ଅଜଣା ତିଥିର ଜହ୍ନ-ବହୁବ୍ରୀହି-ତରୁଣକାନ୍ତି ମିଶ୍ର**

ସର୍ବମୋଟ କେତେ ଟଙ୍କା ? କେତେ ଟଙ୍କା ଏକାଠି କଲେ ମଣିଷ ଜୀବନରେ ମିଳେ ସୁଖ; ହସ ଫୁଟେ ମୁହଁରେ, ଯାହା କେବେ ଲିଭିବାର ନୁହେଁ ?

**ଲୁବ୍‌ଧକର ରାତି-ଲୁବ୍‌ଧକର ରାତି-ତରୁଣକାନ୍ତି ମିଶ୍ର**

ମଣିଷର ମନକଥା ଏକାନ୍ତ ଅଜ୍ଞାତ । କିଏ ଜାଣେ ସଂଗୋପନରେ କାହାର ଅବଚେତନ ମନ ତଳେ କି ଭାବ ଛପି ରହିଛି ? କିନ୍ତୁ ଜଣେ ମନସ୍ତାତ୍ତ୍ୱିକ ହିସାବରେ ମୋର ଧାରଣା-ମଣିଷ ଅନ୍ତରର ଗୋପନ କାମନା ଅନୁଯାୟୀ ମୃତ୍ୟୁ ହୁଏ ।

**ଅମାବାସ୍ୟାର ପଥିକ-ଆବର୍ତ୍ତର ଦୁଇଟି ସ୍ୱର-ତରୁଣକାନ୍ତି ମିଶ୍ର**

ପ୍ରେମ ଏକ ନୀରବ ଅବ୍ୟକ୍ତ ଯନ୍ତ୍ରଣାର ଭାଷା । ଏକ ସୁତୀବ୍ର ଅନୁଭୂତିର ସ୍ୱର । ମୁହଁ ଫିଟାଇ କହିଦେଲେ, ତା'ର ମହତ୍ତ୍ୱ କମିଯାଏ; ସୌନ୍ଦର୍ଯ୍ୟ ହଜିଯାଏ ।

**ଝରକା ଖୋଲିଯାଏ-କୋମଳ ଗାନ୍ଧାର-ତରୁଣକାନ୍ତି ମିଶ୍ର**

ମତେ ଅନେକ ଅନେକ ଦୂରରୁ ଶୁଣାଗଲା ସ୍ୱରଟିଏ; ବଡ଼ବାପାଙ୍କ ସ୍ୱର । ସେ କହୁଥିଲେ, ବାବୁ ! ତୁ ମତେ ସମ୍ପର୍କ କଥା ପଚାରୁଛୁ ? କିନ୍ତୁ ତୋ ସହିତ ମୋର କ'ଣ ସମ୍ପର୍କ ? ଆଉ ତୋ ସ୍ତ୍ରୀ ସହିତ ତୋର ନିଜର ? ଦୁନିଆର ଆଖି ଭିତରେ ସଂପର୍କ ବଞ୍ଚି ନ ଥାଏରେ ବାୟା ! ସେ ଥାଏ ଏଇଠି, ଏଇ ଛାତି ଭିତରେ ।

**ଭଙ୍ଗା ଆଇନାର ମୁହଁ -ବହୁବ୍ରୀହି-ତରୁଣକାନ୍ତି ମିଶ୍ର**

ତାକୁ ଦେଖିଲେ ମତେ କେମିତି ଲାଗେ ମୁଁ ଆଦୌ ବୁଝାଇ ପାରିବି ନାହିଁ, ଦୀପକ ! ତାକୁ କ୍ଲାସ୍‌ରେ ଦେଖିଲେ ମୋର ମନେହୁଏ, ମୋ ଜୀବନରେ ଆଉ କିଛି ଲୋଡ଼ା ନାହିଁ; ଏ ଜୀବନରେ ମୁଁ ଆଉ କିଛି ଚାହେଁ ନାହିଁ । ମୁଁ ଏବେ ଏଇଠି ମରିଗଲେ ମଧ୍ୟ ମୋର କିଛି ଦୁଃଖ ନାହିଁ । ମୁଁ ସୁଖୀ । ମୁଁ ଧନ୍ୟ ।

**କୋମଳ ଗାନ୍ଧାର-କୋମଳ ଗାନ୍ଧାର-ତରୁଣକାନ୍ତି ମିଶ୍ର**

ତୁମର ଏହି ପ୍ରତିଜ୍ଞା ସତ୍ତ୍ୱେ ମଞ୍ଜରୀ, ତୁମେ କ'ଣ ମୋତେ କଥା କହିବ ନାହିଁ, ଯଦି କୌଣସି ଧାରାଶ୍ରାବଣ ରାତିରେ ହଠାତ୍ ତୁମେ ଦରଜା ଫିଟାଇ ଦେଖ, ସାପ୍ ସାପ୍ ଓଦା ହୋଇ ମୁଁ ଏକାକୀ ବାରଣ୍ଡାରେ ଠିଆ ହୋଇଛି, ଶୀତରେ ଥରୁଛି ? ତୁମେ କ'ଣ ମୋତେ ପଦେ ବି କଥା କହିବ ନାହିଁ ମଞ୍ଜରୀ ! ଯଦି ତୁମେ କେବେ ମୋତେ ଦେଖ କୌଣସି ପାହାଡ଼ିଆ ମଫସଲର ଛୋଟ ଷ୍ଟେସନରେ । ତୁମେ ଓ ମୁଁ ଏକା ଏକା ଅପେକ୍ଷା କରିଛୁ ବିଳମ୍ବର ଆସୁଥିବା ଟ୍ରେନ୍‌କୁ । ଓ୍ୱେଟିଂ ରୁମ୍ ନିର୍ଜନ । ମିଞ୍ଜି ମିଞ୍ଜି ଆଲୁଅ ଭିତରେ ଜଳୁଛି । ବାହାରେ କୁହୁଡ଼ିଘେରା ପୃଥିବୀ ରହସ୍ୟମୟ । ତୁମେ କ'ଣ, ସତରେ ମଞ୍ଜରୀ, ମୋତେ ପଦେ ବି କଥା କହିବ ନାହିଁ ? ଯଦି ମତେ ଦେଖ ଶୀତ ସନ୍ଧ୍ୟାର ମ୍ଳାନ ଆଲୋକରେ, ସହରଠାରୁ ଅନେକ ଦୂରରେ, ଛାୟାଘନ ନିର୍ଜନ ରାସ୍ତାରେ, ଏକା ଏକା ଭିନ୍ନ ଭିନ୍ନ ଦିଗରେ ଯିବାବେଳେ ? ତୁମେ କ'ଣ ସତରେ ଠିଆ ହୋଇପଡ଼ି ମୋ ଆଡ଼କୁ ଚାହିଁ ରହିବ ନାହିଁ ? ମୋତେ ଚାହିଁବ ନାହିଁ ?

**ସମ୍ପର୍କ-ନିଃସଂଗତାର ସ୍ୱର- ତରୁଣକାନ୍ତି ମିଶ୍ର**

ମତେ ତୁମେ ଯେ କହିଲ, ମୁଁ ଅସୁଖୀ, ମୁଁ ଅପରିତୃପ୍ତ-ମୁଁ ସଂକ୍ଷେପରେ ଗୋଟିଏ କାପୁରୁଷ, ସେଥିରେ ମୋର ଆପତ୍ତି କରିବାର କିଛି ନାହିଁ । ମୁଁ ପ୍ରକୃତରେ କାପୁରୁଷ, ମୁଁ ପ୍ରକୃତର ଅସୁଖୀ, ମୁଁ ପ୍ରକୃତରେ 'ତୁମେ ଯାହା କହିଲ', ତାହା ହିଁ । କିନ୍ତୁ ତୁମେ ମତେ ଖାଲି ଏତିକି କୁହ, ଏତିକି ମାତ୍ର ଯେ ତୁମେ ସୁଖୀ । ତୁମେ ପରିତୃପ୍ତ । ତୁମ ମନରେ ଯେ ଦୁଃଖ ଓ ନିରାଶାର କୌଣସି ବିଷଜ୍ୱାଳା ନାହିଁ, ସେତିକି ମତେ ତୁମେ ସ୍ପଷ୍ଟକରି କୁହ । ସେତିକି ଶୁଣି ମୁଁ

ଆଶ୍ୱସ୍ତ ହେବି; ମୋତେ ଅନ୍ତତଃ ସାମାନ୍ୟ ସାନ୍ତ୍ୱନା ମିଳିବ । କୁହ ଏତିକି-ତୁମେ ସୁଖୀ । ତୁମେ ପ୍ରକୃତରେ ସୁଖୀ ।

ଦୂରଭାଷ-କୋମଳ ଗାନ୍ଧାର-ତରୁଣକାନ୍ତି ମିଶ୍ର

କିନ୍ତୁ ସୁଚରିତା, ଯଦି ତୁମେ ତଥାପି ବଞ୍ଚି ରହିଥାଅ ତୁଚ୍ଛ ଅସାର ଏଇ ପୃଥିବୀର କେଉଁ ଅଜଣା ଠିକଣାରେ, ଦୟାକରି ବିଷଣ୍ଣ ହୋଇଯାଅ ନାହିଁ । ତୁମେ ତ କହିଥିଲ, ସବୁକଥା ବୁଝିବା ଦରକାର ନାହିଁ; ଅନୁଭବ କଲେ ହିଁ ଯଥେଷ୍ଟ । ସେଦିନ ଯେ ମୁଁ ତୁମର ବିଶେଷ କଥା ଶୁଣିପାରିଲି ନାହିଁ, ସେଥିରେ କାହାର ଦୁଃଖ କରିବାର କ'ଣ ଅଛି ? ମୁଁ କ'ଣ ଅନୁଭବ କରିପାରି ନାହିଁ, ସେଦିନ ଯାହାକିଛି ମତେ ତୁମର କହିବାର ଥିଲା ?

ଅଜଣା ତିଥିର ଜହ୍ନ-ବହୁବ୍ରୀହି-ତରୁଣକାନ୍ତି ମିଶ୍ର

ମୋକ୍ଷଦା କ'ଣ ମତେ କେବେ ସତସତିକା ଭଲ ପାଇଛି; ସ୍ୱୀକାର କରିନେଇଛି ତା'ର ମୋର ଅଙ୍ଗୀକାରଭୁକ୍ତ ସମ୍ପର୍କ ? ବୋଧେ ସେ ମୋତେ ଗ୍ରହଣ କରି ନେଇଥିଲା ଗୋଟିଏ ଭବିତବ୍ୟ ପରି, ଅଥବା ଏକ ଦୁରାରୋଗ୍ୟ ବ୍ୟାଧି ପରି; ଯାହା ସହିଯିବାକୁ ପଡ଼ିବ ସାରା ଜୀବନ ।

ଛାୟାପଥ-ଲୁବ୍‌ଧକର ରାତି-ତରୁଣକାନ୍ତି ମିଶ୍ର

ନା ଧାରା କୁଆଡ଼େ ହେଲେ ଯିବ ନାହିଁ । ବାପା ମା' ବଞ୍ଚିଥିବା ପର୍ଯ୍ୟନ୍ତ ସେ ସେମିତି ସକାଳ ସଂଜ ଅଫିସ୍ ଯାଉଥିବ, ଟିଉସନ୍ କରୁଥିବ, ଔଷଧ କିଣିଆଣି ଦେଉଥିବ; ଆଉ ମଝି ମଝିରେ ନିଷିଦ୍ଧ ପାପର ସୁଖ ପରି ସାମାନ୍ୟ ସ୍ୱପ୍ନ ଦେଖୁଥିବ-ଅଳୀକ କଳ୍ପନାର ଟୁକୁରାକୁ ଏକାଠି କରି ଯେଉଁ ସ୍ୱପ୍ନ । କିନ୍ତୁ ଏମିତି କେତେଦିନ ! ଧାରାର ହଠାତ୍ ମନେହେଲା, ସେ ଯେମିତି ଗୋଟିଏ ଚବିଶ ବର୍ଷ ବୟସର ଯୁବତୀ ନୁହେଁ; ଅସରନ୍ତି ଘୃଣାର ସ୍ତୂପୀକୃତ ଏକ ଚେତନ ସତ୍ତା ମାତ୍ର ! ସେ ବାପାଙ୍କୁ ଭଲପାଏ ନାହିଁ, ମାଆକୁ ଭଲପାଏ ନାହିଁ, ଧରଣୀ ନାମକ ଏକ ସୁବୋଧ ଯୁବକକୁ ପ୍ରେମ କରେ ନାହିଁ- ସେ କେବଳ ଘୃଣା ହିଁ କରେ ସମସ୍ତଙ୍କୁ । ହଁ, ନିଜକୁ ବି ।

ବିବର୍ଣ୍ଣ ବସନ୍ତର ସ୍ୱର-ନିଃସଙ୍ଗତାର ସ୍ୱର-ତରୁଣକାନ୍ତି ମିଶ୍ର

ତମ ଦି'ଜଣଙ୍କୁ ମୁଁ ସବୁ ଦେଇସାରିଚି, ସବୁ । ଦିନର ଆଲୁଅ, ଆଲୁଅ ଭିତର ଶକ୍ତି, ଶକ୍ତି ଭିତର ଜୀବନ । ତମକୁ ଖରା ଦେଇଯାଉଚି, ବର୍ଷା ଦେଇଯାଉଚି, ଶୀତ ଦେଇଯାଉଚି । ତୁମେ ମୋର ଆତ୍ମା ନିଅ, ଦେହ ନିଅ; ରକ୍ତ ନିଅ, ମାଂସ ନିଅ, ପୂଯ ନିଅ, ବୀର୍ଯ୍ୟ ନିଅ ।

ଅନ୍ୱୟ-ଆକାଶ ସେତୁ-ତରୁଣକାନ୍ତି ମିଶ୍ର

ଏ ଗୀତରେ ଥିଲା ସାମବେଦର ସବୁଠାରୁ ମୂର୍ଚ୍ଛନାମୟ ଅନବଦ୍ୟ ଧ୍ୱନି, ଯାହାକୁ ବାରମ୍ବାର ଖୋଜି ଆସିଛି ମଣିଷର ବିଡ଼ମ୍ବିତ ହୃଦୟ । ପାଇ ସୁଦ୍ଧା ପାଇ ନାହିଁ; ପୁଣି ନ ପାଇବାର ପୂର୍ଣ୍ଣତା ଭିତରେ ଉଦ୍ଭାସିତ ମଣିଷର ଗଭୀର ଅବଚେତନା ।

**ଉଦ୍‌ଭାସ-ଆଜି ରାତିର ଗଳ୍ପ-ତରୁଣକାନ୍ତି ମିଶ୍ର**

ବନ୍ଦରକୁ ଲାଗି ଠିଆ ହୋଇଥିବା ଜାହାଜ ନିରାପଦରେ ଥାଏ, କିନ୍ତୁ ସେଥିପାଇଁ ତ ଜାହାଜ ତିଆରି ହୋଇନାହିଁ! ଜାହାଜକୁ ସମୁଦ୍ର ଭିତରେ ଭାସିବାକୁ ହେବ । ଦୂରତାକୁ ଅତିକ୍ରମ କରିବାକୁ ହେବ । ଜୀବନ-ସମୁଦ୍ର ଅନେକ ବଡ଼ । କଟକ ସହର ହେଉ କି ଦିଲ୍ଲୀ ମହାନଗରୀ, ସାହାରା ମରୁଭୂମି ହେଉ କି ଦଣ୍ଡକାରଣ୍ୟ, ଜୀବନ ସବୁଠି ପରିବ୍ୟାପ୍ତ; ମଣିଷର ନିଃଶ୍ୱାସ ପରି, ଭଗବାନଙ୍କ ଆଶୀର୍ବାଦ ପରି ।

**ଶରଦଃ ଶତମ୍- ତରୁଣକାନ୍ତି ମିଶ୍ର**

ଏବେ ତା' ଆଖିରେ ଥିଲା ଚିରନ୍ତନ ସ୍ତ୍ରୀଲୋକଟିଏ, ଯାହାର ବୟସ ଆଉ କେବେ ମାପିବା ଦରକାର ପଡ଼ିବ ନାହିଁ । ସେ ସ୍ତ୍ରୀଲୋକଟି ଠିକ୍ ଠିକ୍ ବୁଝି ସାରିଥିଲା, ଅନ୍ଧାର ଘର ଭିତରେ ଏବେ କେଉଁ ଲୋମଶ ଲୋଲୁପ ଭବିଷ୍ୟତଟିଏ ତା' ଉପରକୁ ଝାମ୍ପି ପଡ଼ିବାକୁ ଅପେକ୍ଷା କରି ରହିଛି । ସେ ଆଉ ଭୟ କଲା ନାହିଁ, ତା' ଦେହ ଟିକିଏ ବି କମ୍ପି ଉଠିଲା ନାହିଁ । ସେ ଅକାତରେ କ୍ଷମା କରିଦେଲା ସାରା ପୃଥିବୀକୁ, ଯେଉଁ ପୃଥିବୀରେ ଆଉ ସମସ୍ତେ ଅଛନ୍ତି, କିନ୍ତୁ ସେ ଏକା ନାହିଁ । ସେ କେବେ ବି ନ ଥିଲା ।

**ରେବତୀ-ବୀତଂସ-ତରୁଣକାନ୍ତି ମିଶ୍ର**

ପିଲାଟି ହାତରେ ତଥାପି ରହିଥିଲା ଦରଖିଆ ସେହି ପାଚିଲା କରମଙ୍ଗା, ଛାତି ପକେଟରେ ଦୁଇଟି ବଣୁଆ ଚଢ଼େଇର ପର ଓ ଗୋଟିଏ ରଂଗିନ ବେଲୁନ୍‌ର ଛିଣ୍ଡାବଶେଷ । ତା'ର ସବୁତକ ସମ୍ପଦ ଅତୁଟ ରହିଥିଲା । ଖାଲି ନ ଥିଲା ତା'ର କଅଁଳିଆ ଜୀବନଟି ।

**ଶରଦଃ ଶତମ୍-ତରୁଣକାନ୍ତି ମିଶ୍ର**

ମୋତେ ଲାଗେ, ଏ ପବନ ଉପରେ ମୋର ଅଧିକାର ନାହିଁ । ଅନ୍ୟର ଦୀର୍ଘଶ୍ୱାସରୁ ଉଦ୍‌ବୃତ୍ତ ଅମ୍ଳଜାନ ମୋ ଧମନୀ ଭିତରକୁ ଘେନି ଆସିବା ମୋ ପକ୍ଷରେ ଅନୁଚିତ । ଏକ ତସ୍କରର ଅପରାଧ ପରି ଜଘନ୍ୟ ଏ ବଞ୍ଚନା ।

**ତୈଜସ- ଲୁବ୍‌ଧକର ରାତି-ତରୁଣକାନ୍ତି ମିଶ୍ର**

ଅସଂଖ୍ୟ ମୁଣ୍ଡ, ଅସଂଖ୍ୟ ଦେହ, ଆଉ ତା' ସହିତ ଅସଂଖ୍ୟ ହୃଦୟ । କିଏ ଜାଣେ, କେତେ ଦୁଃଖ, କେତେ ନିରାଶା ଆଉ କେତେ ଆକାଂକ୍ଷାର ନୀରବ ସ୍ୱର ଛପି ରହିଛି ସେସବୁ ହୃଦୟ ଭିତରେ ! ଆଉ କିବା ତା'ର ମୂଲ୍ୟ ? ମଣିଷ ବଞ୍ଚିଛି-ଏଇ କ'ଣ ଯଥେଷ୍ଟ ନୁହେଁ ? ଜୀବନର ତା'ଠାରୁ ଗଭୀର ଅର୍ଥ ଖୋଜିବା କ'ଣ ଦରକାର ?

**ଯାହା ନେଇ ଜୀବନ-ରଜନୀଗନ୍ଧା-ତରୁଣକାନ୍ତି ମିଶ୍ର**

"ମୋ  ଜୀବନର ସଂଜ୍ଞା କ'ଣ ବୋଲି ପଚାରିଲେ, ମୁଁ ତା'ର କି ଉତ୍ତର ଦେଇପାରିବି ? ଜୀବନ ମୋ ପାଇଁ ଏକ ବିସ୍ତୀର୍ଣ୍ଣ ପ୍ରଶ୍ନବାଚୀ, ଏକ ଅନ୍ତହୀନ ବିସ୍ମୟ ମୁଦ୍ରା"-ଶୁଦ୍ଧୋଦନ ଅଳ୍ପ ହସି ଚାହିଁଲେ ଝରକା ବାହାରକୁ; ଯେଉଁଠି ଅସ୍ତସୂର୍ଯ୍ୟର ସ୍ତିମିତ ରଶ୍ମି ଝଡ଼ି ପଡୁଥିଲା ଧୂଳିକଣା ସହିତ, ଘରଫେରନ୍ତା ଚଢ଼େଇର ଡେଣା ଫାଙ୍କରେ । ××× ହୁଏତ ସତ, ନ ହେଲେ ମିଛ; କିନ୍ତୁ ଏ ଗ୍ଲାନିରେ ମୁଁ ଘାଣ୍ଟି ହେଉଥିବି ସାରା ଜୀବନ ଯେ ଯାହା ମୋର କହିବାର ଥିଲା ପ୍ରତିଶ୍ରୁତିବଦ୍ଧ ଅବଧି ଭିତରେ, ତାହା ମୁଁ କହିପାରିଲି ନାହିଁ; ଏପରିକି ମୋର ସେହି ବିଫଳତାକୁ ମଧ୍ୟ ଠିକ୍ ଭାବେ ବୁଝାଇ ପାରିଲି ନାହିଁ କାହାରିକୁ ।

**ଉପନିବେଶ- ଆଜି ରାତିର ଗଳ୍ପ -ତରୁଣକାନ୍ତି ମିଶ୍ର**



ସହଧର୍ମିଣୀଙ୍କ ସହ

## ଧ୍ୱନି ପ୍ରତିଧ୍ୱନି

ତାଙ୍କ ଲେଖାରେ ଏକ ସ୍ନିଗ୍ଧ ସରଳତା ରହିଛି । ମଣିଷ ପ୍ରତି ତାଙ୍କର ସହୃଦୟ ଦୃଷ୍ଟିଭଙ୍ଗୀ ମତେ ଭଲ ଲାଗେ ।

**ସୁନନ୍ଦା ମିଶ୍ର** (ପତ୍ନୀ)

ତରୁଣକାନ୍ତିଙ୍କ ଚରିତ୍ରମାନେ ଏକ ସମୟରେ ଅନେକତ୍ର ଅନ୍ତର୍ମୁଖୀ ଓ ବହିର୍ମୁଖୀ...ସ୍ୱପ୍ନର ପୃଥିବୀ ଓ ବାସ୍ତବତାର କାରୁଣ୍ୟ ପରସ୍ପରକୁ ଆବୋରି ରଖିଥା'ନ୍ତି ଗୋଧୂଳି ଲଗ୍ନର ଛାଇଆଲୁଅ ପରି ।

**ଡ. ସୀତାକାନ୍ତ ମହାପାତ୍ର**

ତରୁଣକାନ୍ତି ମିଶ୍ର ସମକାଳୀନ ଓଡ଼ିଆ କଥାସାହିତ୍ୟର ଜଣେ ପ୍ରବୀଣ ଶିଳ୍ପୀ । ××× ସେ ଜଣେ ସଂସ୍କାରବନ୍ତ କଥାକାର, ଯିଏ କଥକତାର ମୋହରେ କଥାକୁ କେବେହେଲେ ପରିତ୍ୟାଗ କରନ୍ତି ନାହିଁ । ଗୋଟିଏ ଦୃଷ୍ଟିରୁ ସେ ଆମର ମୁଖ୍ୟଧାରାର ଜଣେ ପ୍ରମୁଖ ପ୍ରତିନିଧି । ତାଙ୍କ ସମକାଳୀନଙ୍କ ମଧ୍ୟରେ ସେ ବାରି ହୋଇ ପଡ଼ନ୍ତି, ତାଙ୍କର କ୍ଷେତ୍ରବ୍ୟାପ୍ତି ଓ ସମ୍ବେଦନା ପାଇଁ ।

ହରପ୍ରସାଦ ଦାସ

ତାଙ୍କ ଗଳ୍ପଗୁଡ଼ିକର ଯେଉଁ ଦିଗଟି ପାଠକକୁ ବେଶୀ ସ୍ପର୍ଶ କରେ, ତାହା ହେଉଛି ଚରିତ୍ରମାନଙ୍କର ଅନ୍ତର୍ମୁଖୀ ଉଦ୍‌ଘାଟନ । ସମୁଦାୟ ବର୍ଣ୍ଣନା, ରୂପକଳ୍ପ, ପରିବେଶ, ଏପରିକି ଆକାଶ ପୃଥିବୀର ଯବକାଚ, ଗୋଟିଏ ଜିନିଷକୁ ଲକ୍ଷ୍ୟ ରଖିଥାଆନ୍ତି-ଏଇ ଅନ୍ତର୍ମୁଖୀନତାକୁ ।

ଡ. ରାମଚନ୍ଦ୍ର ବେହେରା

ତରୁଣକାନ୍ତି ମିଶ୍ର ଏକ ଭିନ୍ନ ଉଚ୍ଚତାର ଶିଳ୍ପୀ । ଗଦ୍ୟର ସରଳ ଲାବଣ୍ୟ ଏବଂ କଥାବସ୍ତୁ ନିର୍ବାଚନରେ ସାମ୍ପ୍ରତିକତା ଅପେକ୍ଷା ଆଧୁନିକତା, ତାଙ୍କୁ ଅନ୍ୟ ସମସାମୟିକ ଗାଳ୍ପିକଙ୍କଠାରୁ ଅଲଗା କରି ଚିହ୍ନାଇଦିଏ ।

ବିଭୂତି ପଟ୍ଟନାୟକ

ସେ ଓଡ଼ିଆ ସାହିତ୍ୟରେ ଏକ ପ୍ରଖ୍ୟାତ ହସ୍ତାକ୍ଷର । ମୁଗ୍ଧ ଅନୁଭବ ଓ ଅନ୍ତରଂଗ ଅନୁଭୂତିରେ ଗଢ଼ା ତାଙ୍କର ଗଳ୍ପସବୁ ପାଠକକୁ ତନ୍ମୟ କରିଦିଏ ।

ପ୍ରତିଭା ରାୟ

ତାଙ୍କ ଗଳ୍ପରେ ମୋତେ ଜଳଜଳ ଦେଖାଯାଏ, ଚଳମାନ ପୃଥିବୀର ସ୍ଥିତି ଓ ଅବସ୍ଥିତି, ବ୍ୟକ୍ତି ଓ ବ୍ୟକ୍ତିତ୍ୱ, ଦୃଷ୍ଟ ଓ ଅଦୃଷ୍ଟମାନଙ୍କ ସଙ୍କଟର ଚିତ୍ର । ଅପୂର୍ଣ୍ଣତା, ବୈଷମ୍ୟ, ବିଭେଦ ଓ ଦୁଃଖ-ଯନ୍ତ୍ରଣାର ବିରୋଧାଭାସ ତାଙ୍କ ଗଳ୍ପରେ ରହିଛି; କିନ୍ତୁ ଏସବୁ ସତ୍ତ୍ୱେ ଗଭୀର ଅନ୍ଧାରରେ ଦୀପଟିଏ ଜାଳିବାର ନିବିଡ଼ ପ୍ରୟାସ ରହିଛି ତାଙ୍କ ଗଳ୍ପରେ । ଜୀବନର ରହସ୍ୟମୟ ସ୍ଥିତିକୁ ସ୍ୱପ୍ନିଳ ବାସ୍ତବତା ଓ ସ୍ନିଗ୍ଧ ପ୍ରାଣପ୍ରାଚୁର୍ଯ୍ୟ ଭିତରେ ଆତ୍ମପ୍ରକାଶ କରାଇଛନ୍ତି ତରୁଣକାନ୍ତି ।

ଡ. ବିଜୟାନନ୍ଦ ସିଂହ

ତାରୁଣ୍ୟର ଉଚ୍ଛ୍ୱାସକୁ ତୋଳି ଧରି ପଳାସି ଯାଉଥିବା ଗୋଟେ ପାହାଡ଼ୀ ନଈର ନାଆଁ ତରୁଣକାନ୍ତି, ଯାହାଙ୍କ ପ୍ରତିଟି କାହାଣୀରେ ଭରି ରହିଥାଏ ଅନ୍ତରଂଗ ଜୀବନର ଛଳଛଳ ଆବେଗ । ଦୁଃଖ, ବିଷାଦ, ଯନ୍ତ୍ରଣା, ଅଭାବ ଆଉ ଦୈନ୍ୟର ହାଁ'ପାଣିଆ ମୁଲକ ଭିତରେ

ବି ସେ ଜଣା ନାହିଁ କେମିତିକା ପାଲଟି ଯା'ନ୍ତି, ମଧୁପାୟୀ ଗୋଟେ ତୃଷାର୍ତ୍ତ ପ୍ରଜାପତି ! ଲେଖନୀ ଧରିଲେ ହିଁ ଉଭାହୁଏ ତାଙ୍କ ସମ୍ମୁଖରେ ଖାସ୍ ଫୁଟନ୍ତା ଫୁଲଙ୍କ ଫଗୁମଖା ଚୌହଦି । ସେଇଥିପାଇଁ କଥା କହିଲେ କାକଳି ଆଉ ଜୀବନ ବୋଇଲେ ଆଞ୍ଜୁଳିଭର୍ତ୍ତି ପ୍ରେମ, ପାଖୁଡ଼ା ପାଖୁଡ଼ା ହୋଇ ଫିଟି ପଡ଼ନ୍ତି, ତାଙ୍କ ଗଳ୍ପର ଅବବାହିକାରେ । ତାରୁଣ୍ୟ ଭଳି ଭାରି ଚପଳଛନ୍ଦା ତେଣୁ ତାଙ୍କ ଭାଷାର କାରିଗରି, ଯେଉଁଠି ନ ଥାଏ ଶବ୍ଦର ଭୋଜବାଜ କିମ୍ବା ବୌଦ୍ଧିକତାର କଟାଳ । କଥାଟିଏ ଥାଏ, କେବଳ ନିରୋଳ ଜୀବନର କଥା; ଯେଉଁଠି ମହକୁଥାଏ ମହମହ ହେଇ ଲୋଡ଼ିବାପଣର ଭାବ ତରୁଣକାନ୍ତିଙ୍କ ତମାମ୍ କଥା ପରିଧିରେ ।

**ଡ. ବେଣୁଧର ପାଢ଼ୀ**

କଥାଶିଳ୍ପୀ ତରୁଣକାନ୍ତି ମିଶ୍ରଙ୍କ ଶୈଳ୍ପିକ ଭୂଇଁଟି ଛଳଛଳ, ନମ୍ର, ଉଦାର ଓ ହ୍ୟୁମାନିଷ୍ଟ୍ । ଆର୍ଥିକ, ସାମାଜିକ କି ଆଧ୍ୟାତ୍ମିକ, କୌଣସି ବର୍ଗୀକରଣର ଛାପ ତାଙ୍କ ଗଳ୍ପ, ଉପନ୍ୟାସରେ ଦୃଶ୍ୟମାନ ହୁଏ ନାହିଁ । ଅନୁଭୂତି, ଉପଲବ୍ଧିର ସ୍ତରରେ ଯେଉଁ ଭାବାବେଗ, କାହାଣୀ ଆତ୍ମାନ୍ୱିତ ହେଇ ଛୁଏଁ, ତାହା ହିଁ ହୁଏ ତାଙ୍କ ସାହିତ୍ୟର ମଂଜ ସମ୍ପତ୍ତି । ନୈତିକତା ଓ ମୂଲ୍ୟବୋଧର ଝରଣାୟିତ ସ୍ପର୍ଶରେ ଚରିତ୍ର, ବାତାବରଣ ଓ ପରିବେଶ ହୁଏ ସ୍ନିଗ୍ଧବାନ । ଉଚ୍ଚାଟ, ଝଡ଼, ରୁଦ୍ରୀୟ ଓ ଆଗ୍ନେୟ ଲିପି-ସ୍ୱର ତାଙ୍କ ଲେଖକୀୟ ପରିଧିରେ ସ୍ୱାଭାବିକ ଭାବେ ଅନୁପସ୍ଥିତ ଥିବା ସତ୍ତ୍ୱେ ତୀବ୍ର ମାନବିକ ଅବବୋଧ ଓ କାରୁଣ୍ୟ ତାଙ୍କ ସୃଷ୍ଟିରେ ଏତେ ଗହନ, ମାର୍ମିକ ଓ ବ୍ୟାପ୍ତ ଯେ ଆଶ୍ଚର୍ଯ୍ୟ ହେବାକୁ ହୁଏ...ଏଇ କାରଣରୁ ଯେ କୌଣସି ସାହିତ୍ୟାଦର୍ଶର ନିଗଡ଼ରେ ତାଙ୍କ ସାହିତ୍ୟକୁ ତଉଲିଲେ, ତାହା ଉପଯୋଗୀ ବିବେଚିତ ହେବା ସଂଗେ ସଂଗେ ସେଥିରୁ ମୁକ୍ତ ହେଇଯିବାର ସାମର୍ଥ୍ୟ ବି ରଖେ । ସମୟତତ୍ତ୍ୱ ତାଙ୍କ ସାହିତ୍ୟ-ଅବବୋଧର ବାହାର ପରିଧିରେ ବିଦ୍ୟମାନ ନ ରହି ଅନ୍ତର୍ଗର୍ଭ । ଲାଗେ, ତାଙ୍କ ସୃଷ୍ଟ ଚରିତ୍ରଗୁଡ଼ିକ ସ୍ୱାଭିମାନୀ । କମ୍ କହୁଥିବେ, ଅଥଚ ବେଶୀ ଅନୁଭବ ହେଉଥିବ । ଭିତରେ ପ୍ରବଳ କ୍ଷୁଧା ଥିବ, ଅଥଚ ହସ ନିଷ୍ପ୍ରଭ ହେଇ ନ ଥିବ । ଜଳୁଥିବେ, କିନ୍ତୁ ଅଙ୍ଗାର ହେଉ ନ ଥିବେ । ଆର୍ଟ ଆଉ କଣ କି ?

**ରଜନୀକାନ୍ତ ମହାନ୍ତି**

ଅନ୍ତରଂଗ ଅନୁଭବ, ନିବିଡ଼ ଆପଣାପଣ, ଗଭୀର ମାନବବାଦୀ ଚିନ୍ତାଧାରା ଓ ସର୍ବୋପରି ଅସହାୟ, ପୀଡ଼ିତ ମଣିଷ ପ୍ରତି ସମ୍ବେଦନଶୀଳ ଭାବ ତାଙ୍କ ସର୍ଜନଶୀଳ ମାନସର ପରାକାଷ୍ଠାକୁ ପ୍ରତିପାଦନ କରିଥାଏ । ଜୀବନ ଓ ଜଗତକୁ ଏତେ ବ୍ୟାପକ ଦୃଷ୍ଟିକୋଣରୁ ଦେଖିଥିବା ସ୍ରଷ୍ଟା କ୍ୱଚିତ୍ ଦୃଷ୍ଟିଗୋଚର ହୋଇଥା'ନ୍ତି ।

**ଡ. କୃଷ୍ଣଚନ୍ଦ୍ର ପ୍ରଧାନ**

ଓଡ଼ିଆ ଗଳ୍ପରେ ରୋମାଣ୍ଟିକ ବାସ୍ତବତାର ସ୍ୱର ସୃଷ୍ଟି କରିଛନ୍ତି ତରୁଣକାନ୍ତି ମିଶ୍ର । କେବଳ ପ୍ରେମ ପ୍ରଣୟ ନୁହେଁ, ତ୍ୟାଗ, କ୍ଷମା,ଦୟା, ସ୍ନେହ, ମମତାର ମାଧୁର୍ଯ୍ୟରେ ତରୁଣକାନ୍ତିଙ୍କ ଗଳ୍ପ ଖୁବ୍ କୋମଳ, ଆବେଗସ୍ନିଗ୍ଧ । ତାଙ୍କ ଗଳ୍ପରେ ବ୍ୟକ୍ତିଗତ ଅନୁଭୂତି ସାର୍ବଜନୀନ ଉପଲବ୍ଧିରେ ପରିଣତ ହୋଇଯାଏ ।

**ଡ. ପ୍ରକାଶ କୁମାର ପରିଡ଼ା**

ତାଙ୍କର ଗଳ୍ପଶୈଳୀକୁ ବିଚାର କଲେ ତାହା ସ୍ରଷ୍ଟାପ୍ରାଣର ସକଳ ଅନୁଭବ ଓ ଉଚ୍ଛ୍ୱାସ ଘେନି ବେଶ୍ କାବ୍ୟ-କୋମଳ ମନେହୁଏ । ତାଙ୍କର ପ୍ରତ୍ୟେକ ଗଳ୍ପ ସେପାଇଁ ପ୍ରାୟ ଏକ ଏକ ସୁନ୍ଦର ଚିତ୍ରପଟ ପରି ପ୍ରତୀତ ହୁଏ । ଏକ ମନନଦୀପ୍ତ ମନୀଷା ସହିତ ପ୍ରକାଶଭଙ୍ଗୀରେ ଏକ ଗୀତିମୟ ଉଚ୍ଛ୍ୱାସ ତାଙ୍କ ଗଳ୍ପକୁ ଏକାନ୍ତ ସ୍ୱାଭାବିକ ଓ ନିଗୂଢ଼ ପ୍ରାଣପ୍ରତ୍ୟୟରେ ପରିପୂର୍ଣ୍ଣ କରିଦେଇଛି ।

**ଡକ୍ଟର ଶ୍ୟାମ ଭୋଇ**

ଜୀବନବୋଧକୁ ଅନୁଶୀଳନ କରିବାରେ ଗାଳ୍ପିକ ତରୁଣକାନ୍ତି ମିଶ୍ର ଯେପରି ଉଦ୍ୟମ କରି ସଫଳ ହୋଇଛନ୍ତି, ସେ ଦୃଷ୍ଟିରୁ ତାଙ୍କୁ ଜଣେ ଜୀବନବାଦୀ ଶିଳ୍ପୀ ଭାବେ ଅଭିହିତ କରାଯାଇପାରିବ । ଅନ୍ୟ ଓଡ଼ିଆ ଗାଳ୍ପିକଙ୍କ ତୁଳନାରେ ତାଙ୍କ ସ୍ଥାନ ଯେ ବହୁ ଆଗରେ, ଏ କଥା ଅସ୍ୱୀକାର କରାଯାଇ ପାରିବ ନାହିଁ ।

**ଡ. ରଙ୍ଗାଧର ନାୟକ**

ସ୍ୱଚ୍ଛନ୍ଦ ଶୈଳୀ ଓ ସୁନ୍ଦର ବାକ୍‌ବିନ୍ୟାସ ହିଁ ତରୁଣକାନ୍ତିଙ୍କ ଗଳ୍ପର ଅନ୍ୟତମ ପ୍ରଧାନ ବୈଶିଷ୍ଟ୍ୟ । ତାଙ୍କର ଗଳ୍ପାବଳୀରେ ଭାବର ବିବିଧତା ଯେପରି ସ୍ୱକୀୟ, ଭାଷାର ବୈଚିତ୍ର୍ୟ ଓ ପରିଚ୍ଛନ୍ନତା ସେହିପରି ଗୁରୁତ୍ୱପୂର୍ଣ୍ଣ ।

**ନୀଳମଣି ପରିଡ଼ା**

ମାନବିକତା, ସହାନୁଭୂତି, ବାସ୍ତବବାଦୀ ଚିନ୍ତାଧାରା, ଜୀବନ ସମ୍ପର୍କରେ ଗଭୀର ଅନୁଭବ, ମଣିଷ ପ୍ରତି ସମ୍ବେଦନଶୀଳ ମନୋଭାବ, ଜଗତ ସମ୍ପର୍କରେ ରସଘନ ଅନୁଭବ, ଗଭୀର ଈଶ୍ୱର ବିଶ୍ୱାସ ଆଦି ତାଙ୍କ ସର୍ଜନଶୀଳତାର ବିଭବ । ଆଧିଭୌତିକ ବସୁଧାରୁ ଅଲୌକିକ ଜଗତଯାଏ ପ୍ରଲମ୍ବିତ ତାଙ୍କର ଗଳ୍ପସାମ୍ରାଜ୍ୟ । ଭୂମିରୁ ଭୂମା ଯାଏ ପରିବ୍ୟାପ୍ତ ତାଙ୍କ ଗଳ୍ପ ଜଗତର ପରିଧି । ××× ଜୀବନ ଓ ଜଗତକୁ ନିବିଡ଼ ଭାବରେ ଅନୁଭବ କରିଥିବା ସ୍ରଷ୍ଟାମାନଙ୍କ ମଧ୍ୟରେ ସେ ଅଗ୍ରଗଣ୍ୟ ।

**ଡ. ଦିଲୀପ କୁମାର ଭୋଇ**

ସେ ଜଣେ ସ୍ୱପ୍ନବିଳାସୀ ମଣିଷ,ଯିଏ ନିଷ୍ଠୁରତା, ରୁକ୍ଷତାଠାରୁ ଦୂରେଇ ରହିବାକୁ ସବୁବେଳେ ଚାହିଁଛନ୍ତି । ତାଙ୍କ ସ୍ୱପ୍ନବିଳାସର ବହୁ ପ୍ରମାଣ ତାଙ୍କ ଗଳ୍ପର ଚିତ୍ର ଚରିତ୍ର ଭିତରେ ଖୁନ୍ଦି ହୋଇ ରହିଛି । ତାଙ୍କୁ ପଢ଼ିଲେ, ଆଉ ଟିକିଏ ମରମିପଣିଆ ଭିତରେ ମନେହେବ, କବିଟିଏ ଯେମିତି ଆକସ୍ମିକ ଭାବେ ଗାଳ୍ପିକ ହୋଇଯାଇଛନ୍ତି ! ତାଙ୍କର ଚିତ୍ରକଳ୍ପଗୁଡ଼ିକ ଏହାର ମସ୍ତ ପ୍ରମାଣ । ତାଙ୍କ ଗଳ୍ପରେ ସକଳ ଜାନପଦିକ ବାସ୍ତବତା ଥାଏ, ମାତ୍ର ତାଙ୍କ ଗଳ୍ପ ରଚନା ଶୈଳୀ ବାସ୍ତବତାର ରୁକ୍ଷତା ଓ ଧୂସରତାକୁ ଘୋଡ଼ାଇ ପକାଇଥାଏ ଯେମିତି !

**ପ୍ରଫେସର ଆଦିକନ୍ଦ ସାହୁ**

ସଂକ୍ଷିପ୍ତ ପରିସର ମଧ୍ୟରେ ଭାଷାର ବ୍ୟଞ୍ଜନା ସୃଷ୍ଟିକରି ଚମତ୍କାର ବେଦନାଦାୟକ ଗଳ୍ପ ଲେଖିପାରିବା ତରୁଣକାନ୍ତି ମିଶ୍ରଙ୍କ ଅନନ୍ୟ ବିଶେଷତ୍ୱ ××× ଅତି ସଂକ୍ଷିପ୍ତ ପରିବେଶରେ ଚମତ୍କାର ବ୍ୟଞ୍ଜନା ସୃଷ୍ଟି କରି ପାଠକର ହୃଦୟକୁ ଅଭିଭୂତ କରିପାରନ୍ତି ସେ ।

**ଡ. କ୍ଷୀରୋଦ ବେହେରା**

ପାଣିଫୋଟକା ପରି ନିମିଷକର ଜୀବନ ଭିତରେ ନାନା ଦୁଃଖ, ବ୍ୟଥା, ସ୍ମୃତି, ବିସ୍ମୃତିକୁ ବଡ଼ ଅନ୍ତରଙ୍ଗପଣରେ ସାଉଁଟି ନିଅନ୍ତି ଗାଳ୍ପିକ । ମଣିଷ ମନର 'ନାହିଁ ନାହିଁ'ର ପୃଥିବୀରେ ତଥାପି ହଜି ନ ଥିବା ବିଶ୍ୱାସ, ପ୍ରେମ, ମାନବିକ ସମ୍ବେଦନାରେ ମୂର୍ତ୍ତିମନ୍ତ ହୋଇଛନ୍ତି ତାଙ୍କର ଚରିତ୍ର ସମୂହ ।

**ଡ. ମମତାରାଣୀ ବେହେରା**

କଥାବସ୍ତୁ ଏବଂ ଶବ୍ଦ ବିନ୍ୟାସର ଜାଲରେ ପାଠକକୁ ଛନ୍ଦି ଦେବାର କୌଶଳ ତାଙ୍କ ଗଳ୍ପରେ ଥାଏ । ××× ତାଙ୍କ ଗଳ୍ପଗୁଡ଼ିକ ଏତେ ଉଚ୍ଚକୋଟୀର ଯେ ଇଂରାଜୀ ଭାଷାର ଗଳ୍ପଠାରୁ କୌଣସି ଗୁଣରେ କମ୍ ନୁହେଁ ।

**ଡ. ସତ୍ୟନାରାୟଣ ଦାଶ**

ଚରିତ୍ର ସହ ପାଠକକୁ ମିଶେଇ ପାରିବାର କଳା ତରୁଣକାନ୍ତିଙ୍କର ଏକ ବିଶେଷ ଗୁଣ । ବିଷୟ ଯେତେ ଗମ୍ଭୀର ହେଉନା କାହିଁକି, ଉପଲବ୍ଧିର ଆତୁରତାରେ, ଶ୍ରଦ୍ଧା ଓ ସମର୍ପଣର ସାତ୍ତ୍ୱିକତାରେ, ତାକୁ ସବୁଜ ସୁନ୍ଦର କରିବାରେ ସେ ନିପୁଣ ।

**ରତ୍ନମାଳା ସ୍ୱାଇଁ**

ମୌଳିକ ଅନୁଭୂତି ଏବଂ ଆବେଗସିକ୍ତ ମନର ନିର୍ଭେଜାଲ୍ ଅଭିବ୍ୟକ୍ତି ଯୋଗୁଁ ତାଙ୍କ ଗଳ୍ପ ମୋର ଅତ୍ୟନ୍ତ ପ୍ରିୟ । ××× ବାହାରକୁ ବେଶ୍ ଶାନ୍ତ, ଚୁପ୍‌ଚାପ୍ ଜଣା ପଡୁଥିବା ତରୁକାନ୍ତିଙ୍କ ମନଗହନରେ ସମ୍ଭବତଃ ଲହଡ଼ି ଭାଙ୍ଗୁଥାଏ ଏକ ଅଶାନ୍ତ ଗଳ୍ପ -ସମୁଦ୍ର । ସେହି ସମୁଦ୍ର ଭିତରୁ ଗୋଟିକ ପରେ ଗୋଟିଏ ଲହଡ଼ି ଆସି ସହୃଦୟ, ସହାନୁଭବୀ ପାଠକ ମନର

ବେଳାଭୂମିକୁ ଛୁଇଁ ଦେଇଥାଏ ଏବଂ ତରୁଣକାନ୍ତିଙ୍କୁ ଅକ୍ଳେଶରେ ମିଳିଯାଏ ଏକ ସଫଳ ଗାଳ୍ପିକର ପାଠକୀୟ ସ୍ୱୀକୃତି ।

ଅଧ୍ୟାପକ ବିଶ୍ୱରଞ୍ଜନ

କିଶୋରୀଚରଣଙ୍କ ପରେ ଭାବରେ, ମନନଶୀଳତା ଓ ବିଷୟ ଚୟନରେ ମଧ୍ୟବିତ୍ତ ଜୀବନର ନିଖୁଣ ଅନୁଶୀଳନ ଲାଗି ସେ ସୁପରିଚିତ । ପରିବେଷଣର କୋମଳ ଗାନ୍ଧାର ତାଙ୍କ ଗପଗୁଡ଼ିକୁ ବେଶ୍ ମହନୀୟ କରେ ।

ଦାଶ ବେନହୁର

ତରୁଣକାନ୍ତି ମିଶ୍ର ଓଡ଼ିଆ ଗଳ୍ପ କ୍ଷେତ୍ରରେ ତାରୁଣ୍ୟ ଛଳଛଳ ତଥା କାନ୍ତମୟ କଥନିକାର ଜଣେ ସାର୍ଥକ ତୀରନ୍ଦାଜ । ଗଳ୍ପ ନିର୍ମାଣର ଚାତୁର୍ଯ୍ୟ ଓ ଚମତ୍କାରିତା ସହିତ ଲାଳିତ୍ୟପୂର୍ଣ୍ଣ ଶୈଳ୍ପିକ ବିବିଧତା ତାଙ୍କ ଅଜସ୍ର ପାଠକପ୍ରିୟତାର ଆଧାର । ଜୀବନବୋଧର ଅପୂର୍ବ ବିନ୍ୟାସରେ ସେ ସବୁବେଳେ ଅକୃତ୍ରିମ ଓ ଅନତିକ୍ରମ୍ୟ ।

ରବି ପଣ୍ଡା

ଓଡ଼ିଆ ଗଳ୍ପ ସାହିତ୍ୟରେ ପ୍ରେମର ଏତେ ଲାଳିତ୍ୟକୋମଳ ଯାଦୁକରୀ ଭାଷାର ପ୍ରୟୋଗ ମୁଁ ଅନ୍ୟ କାହାରି ପାଖରେ ଦେଖିନି । ××× ପ୍ରେମ ପରି ଏକ ଅତ୍ୟନ୍ତ ସ୍ପର୍ଶକାତର ବିଷୟକୁ ଠିକ୍ ସେହିପରି ଅତ୍ୟନ୍ତ ସ୍ପର୍ଶକାତର ଭାଷା ଦେଇ ପରିପ୍ରକାଶ କରିବାର ସମନ୍ୱୟ କେବଳ ତରୁଣକାନ୍ତି ମିଶ୍ରଙ୍କ ପରି ଗାଳ୍ପିକମାନଙ୍କ ପାଖରେ ଦେଖାଯାଇଥାଏ । ଏହି ଯୋଗ୍ୟତା ଅତି ଅସାଧାରଣ ।

ମହାମେଘବାହନ ଐର ଖାରବେଳ ସ୍ୱାଇଁ

ତରୁଣକାନ୍ତିଙ୍କ ପ୍ରେମ-ସାମ୍ରାଜ୍ୟ ଏକ ଅଦ୍ଭୁତ ରହସ୍ୟମୟ ପୃଥିବୀ । ସ୍ନିଗ୍ଧସଜଳ ତା'ର ଅନୁଭବ, ବର୍ଷାଭିଜା ରଜନୀଗନ୍ଧାର ରାତି ପରି । ସେ ରାତିର ଶେଷ ପ୍ରହରରେ ସବୁବେଳେ ଅବଶ୍ୟ ମିଠା ମିଠା ସ୍ୱପ୍ନଟିଏ ନ ଥାଏ । ସବୁକିଛି ବଦଳିଯାଏ ଅଚାନକ, ଗୋଟିଏ ପଲକର ବ୍ୟବଧାନରେ । ବିସ୍ମୟଭାବ କଟିଗଲା ପରେ ଅନୁଭବ କରିହୁଏ, ପ୍ରାପ୍ତିର ସୁଖଠାରୁ କେବେ କେବେ ଅଧିକ ପରିପୂର୍ଣ୍ଣ ଅପ୍ରାପ୍ତିର ଉପଲବ୍ଧି ।

ସରୋଜ ବଳ

ତାଙ୍କର ଗଳ୍ପ ନିର୍ମାଣର କଳା, କାବ୍ୟିକ ଭାଷା ଓ ଜୀବନର ଜଟିଳତାକୁ ଉନ୍ମୋଚନ କରିବାର ପ୍ରୟାସ ତାଙ୍କ ଗଳ୍ପର ନିଆରାପଣକୁ ଜାହିର କରିଥାଏ ।

ପ୍ରଦୀପ ବିଶ୍ୱାଳ

ସମକାଳୀନ କଥାସାହିତ୍ୟର ସମ୍ବେଦନଶୀଳ ଯଶସ୍ୱୀ କଥାଶିଳ୍ପୀ ତରୁଣକାନ୍ତି ମିଶ୍ର ଏକ ସ୍ନେହସ୍ନିଗ୍ଧ ଉଚ୍ଚାରଣ, ଯାହାଙ୍କ ଗଳ୍ପ କେବେ ସ୍ୱପ୍ନ ଓ ତାରୁଣ୍ୟର କୋମଳତାରେ ରସସିକ୍ତ ତ କେବେ ପୁଣି କାରୁଣ୍ୟର କମନୀୟତାରେ ଛଳଛଳ । ପ୍ରଜ୍ଞାର ପ୍ରାଚୁର୍ଯ୍ୟ ସହ ପ୍ରାଣବନ୍ତ କୋମଳତା ତାଙ୍କୁ ଅନ୍ୟ ସୃଜନଶିଳ୍ପୀଙ୍କଠୁ ଭିନ୍ନ କରି ଚିହ୍ନେଇ ଦିଏ ।

ପବିତ୍ର ପାଣିଗ୍ରାହୀ

ତରୁଣକାନ୍ତି ମିଶ୍ର ଓଡ଼ିଆ ଗଳ୍ପସାହିତ୍ୟର ଏକ ପ୍ରତିଶ୍ରୁତି, ବର୍ତ୍ତମାନକୁ ଗୌରବାନ୍ୱିତ କଲା ପରି ଏକ ଅଙ୍ଗୀକାର ଏବଂ ଗଳ୍ପସାହିତ୍ୟର ଭବିଷ୍ୟତ ପାଇଁ ଏକ ପ୍ରତିସ୍ପର୍ଦ୍ଧୀ । ଅତ୍ୟନ୍ତ ଉଚ୍ଚକୋଟୀର କଳ୍ପନା, ଭିନ୍ନ ଶୈଳୀ, ଯାଦୁକରୀ ଭାଷାବିନ୍ୟାସ, ତାଙ୍କୁ ଅନ୍ୟ ଗାଳ୍ପିକମାନଙ୍କଠାରୁ ଏକ ପୃଥକ୍ ଶ୍ରେଣୀକୁ ନେଇଯାଇଛି ।

ରାମଚନ୍ଦ୍ର ନାଥ

××× ତାଙ୍କର ସବୁଯାକ ଗପ ମତେ କେବଳ ଜୀବନମନସ୍କ କରାଏନି, ଗୋଟେ ଅଦ୍ଭୁତ ପ୍ରକାର ପ୍ରତ୍ୟୟବୋଧ ଆଣିଦିଏ, ସବୁ ଆଶାହୀନତାକୁ ଅତିକ୍ରମି । ××× ମୋର ମନେହୁଏ, ତରୁଣକାନ୍ତି ମିଶ୍ରଙ୍କ ଗପ ନ ପଢ଼ିଥିଲେ, ମୁଁ ନିଜେ ଗପ ଲେଖିବା କଥା ଚିନ୍ତା କରିପାରି ନ ଥା'ନ୍ତି ।

ହିରଣ୍ମୟୀ ମିଶ୍ର

ଜୀବନର ଅନ୍ତହୀନ ରହସ୍ୟକୁ ଅତି ସରଳ, ସାବଲୀଳ ତଥା ମଧୁର ଭାବେ ଉନ୍ମୋଚନ କରି ପାଠକମାନଙ୍କୁ ମୋହାବିଷ୍ଟ କରିବାର ସମସ୍ତ ସାମର୍ଥ୍ୟ ବହନ କରୁଥିବା ତରୁଣକାନ୍ତି ମିଶ୍ରଙ୍କ ଗଳ୍ପ, ସମାଜ ଜୀବନର ଏକ ଏକ ଅମ୍ଳାନ ପ୍ରତିଚ୍ଛବି । କହିବାର ଶୈଳୀ ଏକାନ୍ତ ମୌଳିକ ଓ ନିଆରା, ଯାହାକୁ କେବଳ ତରୁଣକାନ୍ତୀୟ ହିଁ କୁହାଯାଇପାରେ । ତାଙ୍କ ଗଳ୍ପ, ମଧୁର ଯନ୍ତ୍ରଣାରେ ଛାତିକୁ ରୁନ୍ଧି ଦେଇପାରେ... ଦେଇପାରେ ଜହ୍ନରାତିରେ ନୌକା ବିହାରର ଉଲ୍ଲାସ... ଚୈତ୍ର ମାସରେ ଦକ୍ଷିଣାପବନର କୋମଳତା, ପୁଣି ପ୍ରଚଣ୍ଡ ରୌଦ୍ରତାପରେ ଅସରାଏ ବର୍ଷାର ଆର୍ଦ୍ରତା ।

କ୍ଷୀରୋଦ ଦାସ

ପଢ଼ିଥିବା ରାଶି ରାଶି ଗପ ଭିତରୁ ଏବେ ବି ମୋ ସହିତ ତରୁଣକାନ୍ତି ମିଶ୍ରଙ୍କ 'ରେବତୀ' ଗଳ୍ପଟି ବୁଲୁଅଛି ଘରୁ ବାହାର, ବାହାରୁ ଘର; ଛାଇ ପରି । ଯେବେ ବି ଗପଟି ପଢ଼େ, ଛାତିରେ କୋହ, ଆଖିରେ ଲୁହ ଭରିଯାଏ ମୋର । ରେବତୀର ସଜଳ ନିରିମାଖି ମୁହଁଟି

ଆଖି ଆଗରେ ଭାସିଯାଇ ମୋତେ ଏମିତି ଆକ୍ରାମାକ୍ରା କରିଦିଏ ଯେ, ମୁଁ କିଛିକ୍ଷଣ ପାଇଁ ନିଥର ପାଲଟିଯାଏ । 'ରେବତୀ' ଗଳ୍ପର ଶେଷ ଧାଡ଼ି ମୋ ଆଖିକୁ ଜାଲଜାଲୁଆ ଦିଶେ । ରେବତୀ ଗପରୁ ମୁକ୍ତି ! ଅସମ୍ଭବ, ଅନ୍ତତଃ ଏ ଜୀବନରେ !!

**ପ୍ରକାଶ ଚନ୍ଦ୍ର ଦାଶ**

'ଶରଦଃ ଶତମ୍' ଉପନ୍ୟାସଟି ଉଭୟ ଭାବବସ୍ତୁ ଓ ରଚନାଶୈଳୀ ଦୃଷ୍ଟିରୁ ଯେପରି ଶିକ୍ଷାପ୍ରଦ, ସେହିପରି ଚିନ୍ତା ଉଦ୍ରେକକାରୀ । ××× ଏହା ତରୁଣକାନ୍ତିଙ୍କ ପ୍ରଥମ ଉପନ୍ୟାସ ହୋଇଥିଲେ ସୁଦ୍ଧା ଏହା ଯେ ତାଙ୍କ ପ୍ରତିଶ୍ରୁତିପୂର୍ଣ୍ଣ ଔପନ୍ୟାସିକ ଜୀବନର ସାର୍ଥକ ଅଭିବ୍ୟକ୍ତି, ଏଥିରେ ସନ୍ଦେହ ନାହିଁ ।


**ପ୍ରଫେସର ବାଉରୀବନ୍ଧୁ କର**

ତରୁଣକାନ୍ତି ମିଶ୍ର ଏ ପ୍ରଜନ୍ମର ଶ୍ରେଷ୍ଠ କଥାକାର କହିଲେ ଅତ୍ୟୁକ୍ତି ହେବ ନାହିଁ । ସମକାଳୀନ ପ୍ରେମ, ଦୁଃଖ, ପୀଡ଼ା ଓ ଅନିକେତ ଭାବଧାରାକୁ ଅତି ନିଛକ ତଥା ଆତ୍ମୀୟ ଭାବେ ପରିବେଷଣର ସାମର୍ଥ୍ୟ ତରୁଣକାନ୍ତିଙ୍କ ସୃଷ୍ଟିରେ ପରିଦୃଷ୍ଟ । ଜୀବନକୁ ଭୋଗିବାର ଏକ ନିଆରା ସ୍ୱାଦ ମିଳେ ତାଙ୍କ ଗପରେ । ତାଙ୍କର 'ଶରଦଃ ଶତମ୍' ପରି ଉପନ୍ୟାସ ଓଡ଼ିଆ ସାହିତ୍ୟରେ ବିରଳ । ବିରଳ ନୁହେଁ, ବିରଳତମ ।

**ଅଜୟ ସ୍ୱାଇଁ**

ଯାହା ମନେପଡୁଛି, ତରୁଣକାନ୍ତି ମିଶ୍ରଙ୍କୁ ବୋଧହୁଏ ପ୍ରଥମେ ପଢ଼ିଥିଲି ହାଇସ୍କୁଲର ଛାତ୍ର ଥିଲାବେଳେ । ସେ ଗପଟି ଥିଲା 'କୋମଳ ଗାନ୍ଧାର' । ତାହା ସେଇ ଯେ ତାଙ୍କ ପାଇଁ ମୋ ମନ ଭିତରେ ଏକ ସ୍ୱତନ୍ତ୍ର ସ୍ଥାନ ଆବୋରି ବସିଲା, ସେ ସ୍ଥାନ ଏ ଯାଏ ସେମିତି ରହିଛି । ପରେ ବରଂ ତାହା ଆହୁରି ବୃଦ୍ଧି ହୋଇଛି, 'ଅନ୍ଧରାତିର ଲୁହ' ବା ସେମିତିକା ଗପମାନଙ୍କ ଦ୍ୱାରା । ପ୍ରତିବର୍ଷ ସାହିତ୍ୟ ଅକାଦେମି ପୁରସ୍କାର ଘୋଷଣା ପାଖେଇ ଆସିଲେ, ମୁଁ ଭାବେ, ଏଥର ବୋଧେ ସେ ପୁରସ୍କାର ପାଇବେ; କିନ୍ତୁ ପାଆନ୍ତି ନାହିଁ । ସେ ଦୃଷ୍ଟିରୁ ଗତବର୍ଷ ତାଙ୍କୁ କହିଥିଲି, ଆଉ କାହା ପାଇଁ ଆପଣ ଅକାଦେମି ପୁରସ୍କାର ପାଆନ୍ତୁ କି ନ ପାଆନ୍ତୁ, ମୋ ପାଇଁ କିନ୍ତୁ ସବୁବର୍ଷ ଏ ପୁରସ୍କାର ପାଉଛନ୍ତି ।

**ଅସିତ ମହାନ୍ତି**



ପତ୍ନୀ ଓ ଶିଶୁସନ୍ତାନ ସହ

## ସ୍ରଷ୍ଟାଙ୍କ ସ୍ୱୀକାରୋକ୍ତି

- ଗୋଟିଏ ତିନିବର୍ଷର ଶିଶୁ ମଧ୍ୟ ଗପଟିଏ କହିଥାଏ ତା' ନିଜସ୍ୱ ଭାଷାରେ । ଗପ ପଢ଼ିବାର ଗହନ ମାୟା ଅଙ୍କୁରିତ ହୋଇଥାଏ ଜୀବନର ଉନ୍ମେଷ ସହ । ଅଧିକାଂଶ ସାର୍ଥକ ଓ ଅସାର୍ଥକ ଲେଖକ ତାଙ୍କ ବାଲ୍ୟକାଳରୁ ହିଁ ଲେଖାଲେଖି ଆରମ୍ଭ କରିଥା'ନ୍ତି । ମୁଁ ତାର ବ୍ୟତିକ୍ରମ ନ ଥିଲି ।

- ଜଣେ ଲେଖକ ଲେଖିଥାଏ, କାରଣ ତାହା ହିଁ ତା'ର ଅଲଙ୍ଘନୀୟ ନିୟତି । ନ ଲେଖି ତା'ର ନିସ୍ତାର ନାହିଁ । ××× ମୁଁ ଜାଣେ, ଗପଟିଏ ଲେଖିଦେଲେ, ମୋର ଅମରତ୍ୱ ପ୍ରାପ୍ତି ହେବ ନାହିଁ ଅବା ସମାଜ ମୋତେ ଅଭିଷିକ୍ତ କରିବ ନାହିଁ, ମହିମାଦୀପ୍ତ ସିଂହାସନ ଉପରେ । ପରିମାଣାତ୍ମକ ଦୃଷ୍ଟିରୁ ମୋ ଲେଖା ଯେଉଁଭଳି ନଗଣ୍ୟ, ଗୁଣାତ୍ମକ ଦୃଷ୍ଟିରୁ ତା'ଠାରୁ ଅଧିକ ଅକିଞ୍ଚନ; ଏକଥା ମୁଁ ସ୍ୱୀକାର କରୁଚି ସତ୍ୟନିଷ୍ଠ ହୃଦୟରେ, କୌଣସି କପଟ ବିନୟଭାବ ନ ଥାଇ । କିନ୍ତୁ ମୋତେ ଲାଗେ, ଲେଖାଲେଖି କରିବାକୁ ମୋତେ ଆଜ୍ଞା ମିଳିଛି ଏବଂ ମୋତେ ସେ ନିର୍ଦ୍ଦେଶ ପାଳନ କରିବାକୁ ହିଁ ପଡ଼ିବ ।

■ ମଧ୍ୟବିତ୍ତୀୟ ମୂଲ୍ୟବୋଧ ମୋ ପାଇଁ ନିରାପଦ ପୋତାଶ୍ରୟ । ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ ଓ ମୋର ଜୀବନଧାରା ମଧ୍ୟବିତ୍ତୀୟ । ମୋ ଲେଖାରେ ମୋର ସେହି ଅଭିଜ୍ଞତା ଓ ଅବବୋଧ ରହିବା ସ୍ୱାଭାବିକ । ମଧ୍ୟବିତ୍ତ ମଣିଷର ସୁଖ-ଦୁଃଖ, ଆଶା-ନିରାଶା ଓ ହସ-କାନ୍ଦର ପୃଥିବୀ ଅତି ବିଶାଳ । ତା'ର ରହସ୍ୟ ଦେଖୁ ଦେଖୁ ମୁଁ ବିସ୍ମୟରେ ହତବାକ୍ ହୋଇଯାଏ । ମୋର ଜନ୍ମ ମଧ୍ୟବିତ୍ତ ପରିବାରରେ । ବଞ୍ଚିଛି ସେହି ମଧ୍ୟବିତ୍ତ ମୂଲ୍ୟବୋଧକୁ ନେଇ । ମୋ ଭାତଥାଳିର ଶେଷ ଭାତଟିକୁ ମୁଁ ପୋଛି ପୋଛି ଖାଏ; ଅଫିସ୍‌କୁ ଆସିଲାବେଳେ ଯଦିଓ ଭଲ ପୋଷାକ ପିନ୍ଧିଥାଏ, ମୋ ବିଛଣା ଚାଦର ଓ ଘରର ପର୍ଦ୍ଦା ଶସ୍ତା ଓ.ଟି.ଏମ୍. କପଡ଼ାରେ ତିଆରି ।

■ ଦୁଇଟି ପୃଥକ୍ ପୃଥିବୀରେ ମୋର ବିଚରଣ । ଭଲଗପଟିଏ ଲେଖିବାରେ ନିଶ୍ଚୟ ଗଭୀର ତୃପ୍ତି ମିଳିଥାଏ, କିନ୍ତୁ ଦଣ୍ଡକାରଣ୍ୟର ଅଭ୍ୟନ୍ତରରେ ପୂର୍ବବଙ୍ଗୀୟ ଶରଣାର୍ଥୀଙ୍କ ଥଇଥାନରେ ପ୍ରତ୍ୟକ୍ଷ ଭାଗୀଦାର ହେବାରେ କିମ୍ବା ବନ୍ୟା ଓ ମହାବାତ୍ୟାବିଧ୍ୱସ୍ତ ଗ୍ରାମାଞ୍ଚଳରେ ରିଲିଫ୍ ବାଣ୍ଟିବାରେ କ'ଣ କିଛି ଆତ୍ମସନ୍ତୋଷ ନାହିଁ ? ମୋତେ ଉଭୟ କାର୍ଯ୍ୟରେ ଆନନ୍ଦ ମିଳିଥାଏ ।

■ ଜୀବନ ଏକ ବିସ୍ତୀର୍ଣ୍ଣ ଲୀଳାଭୂମି । ଅନେକ ସମ୍ଭାବନା ଓ ପ୍ରତିଶ୍ରୁତି ରହିଛି ଜୀବନରେ । ସାହିତ୍ୟ ଏକ ସୁନ୍ଦର ଐଶ୍ୱର୍ଯ୍ୟମୟ ପୃଥିବୀ, ଏଥିରେ ସନ୍ଦେହ ନାହିଁ; କିନ୍ତୁ ଜୀବନର ଅନ୍ତରୀକ୍ଷରେ ଆହୁରି ଅନେକ ଗ୍ରହ- ଉପଗ୍ରହ ରହିଛନ୍ତି ।

■ ମୋ ଭିତରେ ପାଖାପାଖି ହୋଇ ଦୁଇଟି ମଣିଷ ଅଛନ୍ତି । ଜଣେ କ୍ଷମତା ଓ ପ୍ରତିପତ୍ତି ଅଭିଷିକ୍ତ ଉଦ୍ଧତ ପ୍ରଶାସନିକ ଅଫିସର ଓ ଅନ୍ୟଜଣକ ଘୋର ଆତ୍ମସଚେତନ, ତୀବ୍ର ଦହନରେ ଛଟପଟ ଲାଜକୁଳା ଲେଖକଟିଏ । ଯଦି କେତେବେଳେ କେହି ଜଣେ ଅଳ୍ପ ଅଳ୍ପ ଚିହ୍ନା ବ୍ୟକ୍ତି କୁହନ୍ତି, ଆପଣଙ୍କର ସେହି ଲେଖାଟି ମୋତେ ଭଲ ଲାଗିଲା, ସୁନ୍ଦର ଲେଖନ୍ତି ଆପଣ, ସେତେବେଳେ ମୋ ଭିତରେ ଲାଜକୁଳା ମଣିଷଟି ସନ୍ଦିଗ୍ଧ ଆଖିରେ ଚାହେଁ ଚାରିଆଡ଼କୁ । ଖୁବ୍ ଡରି ଡରି ଉଦ୍ଧତ କ୍ଷମତାତୁଷ୍ଟ ପ୍ରଶାସନିକ ସତ୍ତାଟିକୁ ପଚାରେ, ସତ କୁହ, ଏ କଥା ସେ ମୋତେ କହିଲେ ନା ତୁମକୁ ? ଦୟାକରି ସତ କୁହ ! କ୍ଷମତାପନ୍ନ ସତ୍ତାଟି ଅଧିକାଂଶ ସମୟରେ ନୀରବ ହିଁ ରହିଯାଏ, କାରଣ ଏ ପ୍ରଶ୍ନର ସଠିକ୍ ଉତ୍ତର ପ୍ରାୟ ଜଣା ହିଁ ନ ଥାଏ ।

■ ମୋ ଜୀବନର ଲକ୍ଷ୍ୟ ହୁଏତ କିଛି ନାହିଁ । କେବେ ବି ନ ଥିଲା । ମୋ ବିଚାରରେ ଲକ୍ଷ୍ୟ ଏକ ସ୍ଥୂଳ ଜ୍ୟାମିତିକ ବିନ୍ଦୁ, ଯାହା ଜଣେ ନିଜ ଯୋଗ୍ୟତା କିମ୍ବା ଅଭିଳାଷ ଘେନି ଚିହ୍ନିତ କରିଥାଏ । ସେଇଠି ଜଣେ ପହଞ୍ଚିପାରେ, ନ ପହଞ୍ଚି ବି ପାରେ । ତା'ଠାରୁ ବଡ଼କଥା ହେଉଛି, ଜୀବନ ପ୍ରତି ଏକ ନିର୍ଦ୍ଦିଷ୍ଟ ଅଙ୍ଗୀକାର ଅଥବା ସଂକଳ୍ପ । ମୋ ଜୀବନରେ ଏକ ସଂକଳ୍ପ ରହିଛି, ଯାହା ପ୍ରତି ମୁଁ ଏ ଯାଏ ଅନୁରକ୍ତ । ପାଦ ମୋର ଖସି ନାହିଁ ସେହି ଅଙ୍ଗୀକାରବଦ୍ଧ ସଂଚାରପଥରୁ । ଏତିକି ମୋ ପାଇଁ ସବୁଠୁ ବଡ଼କଥା ।

- ମୋ ଦୃଷ୍ଟିରେ ଗଳ୍ପ ଏପରି ଏକ ମାଧ୍ୟମ, ଯେଉଁଥିରେ ରହିଛି କବିତାର କାବ୍ୟିକତା, ନାଟକର ରୋମାଞ୍ଚ ଓ ପ୍ରବନ୍ଧର ଶାଣିତ ପ୍ରଜ୍ଞା । ମୁଁ ଚେଷ୍ଟାକରି ମୋ ଲେଖାରେ କାବ୍ୟିକତା ଆଣି ନ ଥାଏ । ନାଟକୀୟତା ଆପେ ଆପେ ଚାଲିଆସେ, କାହାଣୀର ପ୍ରବାହ ଭିତରେ । ତେବେ ପ୍ରବନ୍ଧର ପ୍ରଜ୍ଞା ମୋ ଲେଖାରେ ଅଛି କି ନାହିଁ, ମୁଁ କହିପାରିବି ନାହିଁ ।
- ଯଦି ଗଳ୍ପଟିଏ ଭଲ ହୋଇଥାଏ, ତାହା ମନେପଡ଼େ ଅନେକ ଦିନ ପରେ, ଅନେକ ବର୍ଷ ପରେ; ଦୁଃଖରେ, ସୁଖରେ ଅବା ନିରୋଳାରେ । ଭଲଗଳ୍ପର ମୃତ୍ୟୁ ନାହିଁ । ଅମରତ୍ୱ ହିଁ ତା'ର ଏକମାତ୍ର ପରିଚୟ ।
- ଯେଉଁ ଗପରେ କଳ୍ପନା ଓ ବାସ୍ତବତା ମଝିରେ ସୀମାରେଖା ଉଭେଇ ଯାଏ, ତାହା ହିଁ ସାର୍ଥକ ସାହିତ୍ୟ ।
- ସଂସାରର ଆପାତପୂର୍ଣ୍ଣତା ଭିତରେ ଯେଉଁ ଅପୂର୍ଣ୍ଣତା ରହିଛି, ବୈଷମ୍ୟ ଓ ବିରୋଧାଭାସ ରହିଛି, ତାକୁ ମୁଁ ଖୋଜିଛି ମୋ ଲେଖା ଭିତରେ । ମୋ ସାମ୍ନାରେ ମୁହାଁମୁହିଁ ଠିଆ ହୋଇଥିବା ସୁଖ, ସଂପୂର୍ଣ୍ଣ –ସୁଖ ନୁହେଁ । ଦୁଃଖର ନିଃସୀମ ଅନ୍ଧାର ଭିତରେ ବି ଟିମ୍‌ଟିମ୍ ଆଲୁଅଟିଏ ଜଳୁଥାଏ କାହିଁ କେଉଁଠି ।
- ମୋ ଲେଖାରେ ରହିଥିବା ବିଷଣ୍ଣତା ଏକ ନକାରାତ୍ମକ ଆତ୍ମଧ୍ୱଂସୀ ଅଭିବ୍ୟକ୍ତି ନୁହେଁ । ଶୂନ୍ୟତା ଭିତରେ ଏକ ପୂର୍ଣ୍ଣ ଅନୁଭବ ଖୋଜିବାକୁ ମୁଁ ବହୁବାର ଚେଷ୍ଟା କରିଛି । × × × ଯେଉଁ ଶୂନ୍ୟବୋଧ ରହିଛି, ତାହା କଳା ଅନ୍ଧାର ରାତିର ବାଟହଜା ଶୂନ୍ୟତା ନୁହେଁ; ଏଥିରେ ରହିଛି ଶୂନ୍ୟ ବେଳାଭୂମିର ବିସ୍ତୀର୍ଣ୍ଣ ସମ୍ଭାବନା ।
- ମନୁଷ୍ୟର ସୁଖଦୁଃଖ ମୋ କାହାଣୀର ଆତ୍ମା । ଜୀବନ ଓ ତା'ର ରହସ୍ୟମୟତା ମୋତେ ଲେଖିବାକୁ ଅନୁପ୍ରେରିତ କରିଥାଏ । ଲେଖିବା ପାଇଁ ସମୟ ଓ ପରିବେଶ ଅନୁକୂଳ ହେବା ଭଲ କଥା । କିନ୍ତୁ ଆବେଗର ତୀବ୍ରତା ପ୍ରତିକୂଳ ପରିବେଶ ଓ ସମୟ ସତ୍ତ୍ୱେ ଲେଖିବାକୁ ଉଦ୍ଘାଟିତ କରିଥାଏ ।
- ମୋ ଲେଖାର ଉପଜୀବ୍ୟ ସମାଜ ନୁହେଁ । ବ୍ୟକ୍ତି ମୋ କାହାଣୀର ଉପଜୀବ୍ୟ । ଏକ ସୀମାବଦ୍ଧ ପୃଥିବୀ ଭିତରେ ଜୀବନ ଓ ମୃତ୍ୟୁର ଦୃଶ୍ୟ-ଦୃଶ୍ୟାନ୍ତର ଦେଖି ହତବାକ୍ ହୋଇଯାଇଥିବା ମଣିଷ ହିଁ ମୋ କାହାଣୀର ନାୟକ । ସବୁ ସମୟରେ ।
- ମୁଁ ଗୋଟିଏ ସରଳ ଅନୁଭବକୁ ସ୍ୱଚ୍ଛ ଶୈଳୀରେ ଲେଖିବାକୁ ଚେଷ୍ଟା କରିଥାଏ । ଅନୁଭବରେ ତୀବ୍ରତା ନ ଥିଲେ ମୁଁ ଲେଖିପାରେ ନାହିଁ । ମାନସିକ ଓ ଆତ୍ମିକ ସ୍ତରରେ ଯେଉଁ ଭାବନାଟିର ରୂପରେଖ କ୍ରମଶଃ ପରିସ୍ଫୁଟ ହୋଇ ବ୍ୟକ୍ତ ହେବାକୁ ଚାହେଁ, ମୁଁ ତାହାକୁ ହିଁ ଲେଖିଥାଏ ।
- ଏତେ ବିୟୋଗାନ୍ତକ ପୃଷ୍ଠଭୂମିରେ, ଏତେ ଦୁଃଖ ଭିତରେ ମଣିଷ ବଞ୍ଚିଛି, ବଞ୍ଚିବାର ଅର୍ଥ ଖୋଜୁଛି-ତାହା ହିଁ ମୋର ବିସ୍ମୟ, ତାହା ହିଁ ମୋ କାହାଣୀର ଉପଜୀବ୍ୟ ।

- କଥା ସାହିତ୍ୟ ପ୍ରତି ମୋର ଥିଲା ପ୍ରଚଣ୍ଡ ଆକର୍ଷଣ । ଭାବଗତ ଦୃଷ୍ଟିରୁ ପ୍ରତ୍ୟେକ ଲେଖକ ଜଣେ ଜଣେ କବି । ତେଣୁ ମୋ ଗଳ୍ପରେ କିଛି କିଛି କବିତ୍ୱ ରହିଥିବା ଅସ୍ୱାଭାବିକ ନୁହେଁ ।

- ବୟସ ବଢ଼ିବା ସହିତ ମୁଁ ଜୀବନର ଅନେକ ନୂତନ ଅକ୍ଷାଂଶ ଓ ଦ୍ରାଘିମା ଦେଖିବାର ସୁଯୋଗ ପାଇଛି ଓ ତାହା ମୋ ଗଳ୍ପରେ ପ୍ରତିଭାତ ହୋଇଛି । କିନ୍ତୁ ଆବେଗ ଓ ଅନୁରକ୍ତିରେ, ମୋର ନୂଆ ଓ ପୁରୁଣା ଗଳ୍ପ ଭିତରେ ବିଶେଷ ଫରକ ନାହିଁ ।

- ଛବିଟିଏ ହେଉ ବା ଗୋଟିଏ ପଂକ୍ତି କବିତା-ତା'ର ଆବିର୍ଭାବ ବହୁ କ୍ଷେତ୍ରରେ ଅପ୍ରତ୍ୟାଶିତ । କାହାଣୀଟିଏ କିଭଳି ଭାବରେ ଗଢ଼ିଉଠେ, କହିବା କଷ୍ଟ । ବେଳେବେଳେ ଗୋଟିଏ ଗଳ୍ପର ଆରମ୍ଭ ଜଣା ଥାଏ, କିନ୍ତୁ ଉପସଂହାର ଅଜଣା ଥାଏ । ଆଉ କେତେକ ଗଳ୍ପରେ, ଶେଷ ବାକ୍ୟଟି ମୂଳରୁ ଜଣା ଥାଏ, କିନ୍ତୁ ଗଳ୍ପଟି କିଭଳି ଆରମ୍ଭ ହେବ ଜଣାପଡ଼େ ନାହିଁ । ଏମିତି ବି ଗଳ୍ପ ଅଛି, ଯେଉଁଟିର ଆରମ୍ଭ ବା ଶେଷ କିଛି ଜଣା ନ ଥାଏ । ଆରମ୍ଭ ଓ ଉପସଂହାର ଭିତରେ ଥିବା ପରିମିତି ମଧ୍ୟରେ ଘାଣ୍ଟି ହେଉଥାଏ ଏକ ଅଦ୍ଭୁତ ବ୍ୟାକୁଳତା; କିଛି କହିବାକୁ, କିଛି ଅନୁଭବ ବାଣ୍ଟି ଦେବାକୁ । ମୁଁ କିଛି ଗଳ୍ପ ଲେଖିଛି, ଯାହା ଆରମ୍ଭ ହୋଇଛି ଓ ଶେଷ ହୋଇଛି ବିନା ଆୟାସରେ । ମୋରଏମିତି ବି ଗଳ୍ପ ରହିଛି ଯେଉଁଠି ବାକ୍ୟଟିଏ, ଏପରିକି ଶବ୍ଦଟିଏ ଖୋଜିବାକୁ ମୋତେ ଦିନ ଦିନ, ମାସ ମାସ ଅପେକ୍ଷା କରିବାକୁ ପଡ଼ିଛି । ଗୋଟିଏ କଥା ସତ ଯେ, ଜାଗରିତ ଅବସ୍ଥାରେ ପ୍ରସ୍ତୁତି ନ ଥିଲେ ବି, ଅବଚେତନର ସୁସୁପ୍ତି ଭିତରେ ଅହରହ ପ୍ରସ୍ତୁତି ପର୍ବ ଚାଲିଥାଏ ନୂଆ କିଛି ସୃଷ୍ଟି କରିବାକୁ ।

- ଅନେକ ସମୟରେ ଭାଷା ଓ ଭାବଟିଏ ଆପେ ଆପେ ଝରିଆସେ ବଣ ପାହାଡ଼ର ଝରଣା ପରି । ପୁଣି କେବେ କେବେ ଖୁବ୍ ଘାଣ୍ଟି ହେବାକୁ ପଡ଼େ, ଠିକ୍ ସ୍ୱରଟିଏ ଖୋଜିବାକୁ ଅବା ଅନ୍ତରାତ୍ମା ଭିତରର ସୁପ୍ତ ଏକ ଅନୁଭବକୁ ଚିହ୍ନିବାକୁ ।

- କେତେକ ଗଳ୍ପ ଆପେ ଆପେ ଲେଖି ହୋଇଯାଏ, ସତେ ଯେମିତି କେହି ଜଣେ ଅନ୍ତରାଳରେ ରହି ଶ୍ରୁତଲିଖନ ଡାକୁଛି ! ଆଉ କେତେକ ଗଳ୍ପ ଓଜନିଆ ପଥର ପରି ଲଦିହୋଇ ରହିଥାଏ ମୁଣ୍ଡ ଉପରେ; ପାଦ ଟଳମଳ ହେଉଥାଏ, ପାହୁଣ୍ଡେ ଆଗକୁ ଯିବାର ସାମର୍ଥ୍ୟ ବି ନ ଥାଏ । ପୁଣି ପଛକୁ ବି ଫେରିହେବ ନାହିଁ, କାରଣ ପଛରେ ଅପେକ୍ଷା କରିଥାଏ ବ୍ୟର୍ଥତାର ଜଟିଳ ଆବର୍ତ୍ତ ହଜାର ହଜାର ଫୁଟ ତଳେ । ମୁଁ କେତେକ ଗଳ୍ପ ଗୋଟିଏ ରାତିରେ ବସି ଶେଷ କରିଦେଇଛି, ଯେପରିକି 'ଆଜି ରାତିର ଗଳ୍ପ' । ପୁଣି କେତେକ ଗଳ୍ପ ରହିଛି, ଯାହା ଶେଷ କରିବାକୁ ମୋତେ ଦଶ ବର୍ଷ ଅପେକ୍ଷା କରିବାକୁ ପଡ଼ିଛି । ଉଦାହରଣ ସ୍ୱରୂପ 'ପ୍ରହରୀ' ।

- ଏକଥା ଅବଶ୍ୟ ସତ ଯେ 'ରେବତୀ' ଗପଟି ଲେଖିଲାବେଳେ ମୋର ଅବଚେତନରେ ଫକୀରମୋହନଙ୍କ 'ରେବତୀ' ଛପି ରହିଥିଲା ଶୁଖି ଯାଇଥିବା ଧାରେ ଲୁହ ପରି । କିନ୍ତୁ

ମୋ କାହାଣୀର ରେବତୀ ଖାଲି କଳ୍ପନା ନୁହେଁ; ମୁଁ ତାକୁ ଦେଖିଛି, ଅତି ନିକଟରୁ । ମୋ କାହାଣୀରେ ଯେଉଁ ସ୍ପିନିଂ ମିଲ୍ ବିଷୟରେ ଉଲ୍ଲେଖ ରହିଛି, ଏକଦା ଅବସ୍ଥାଚକ୍ରରେ ମୁଁ ତା'ର ଚେୟାରମ୍ୟାନ୍ ଥିଲି । ମୋର ସମସ୍ତ ପ୍ରତିବାଦ ସତ୍ତ୍ୱେ ଏହି ସୂତାକଳକୁ ବିକିଦେବାକୁ ସରକାରୀ ସ୍ତରରେ ଉଦ୍ୟମ ହୋଇଥିଲା । ଏ ସିଦ୍ଧାନ୍ତ ଠିକ୍ କି ଭୁଲ, ତା' ଉପରେ ମତାମତ ଦେବାର ଅଧିକାର ମୋର ନାହିଁ । କିନ୍ତୁ ମୁଁ ସ୍ୱୀକାର କରିବି, ଏହି ନିଷ୍ପତ୍ତିର ମାନବିକ ପରିଣତି କଥା ଭାବି ମୁଁ ମନେ ମନେ ଭାରି କଷ୍ଟ ପାଇଥିଲି । ମୋର ସେହି ମାନସିକ ଗ୍ଲାନି ଓ ହତାଶା ଭିତରୁ ଜନ୍ମ ନେଇଚି ଏ କାହାଣୀ । ମୋର ମନେପଡୁଛି, ଏ ଗପଟି ମୁଁ ଲେଖିଥିଲି ଗୋଟିଏ ନିଛାଟିଆ ରାତିରେ, କେଶିଙ୍ଗାରେ ରହି । ନିର୍ମାଣାଧୀନ ସୂତାକଳର ଏକ ଅସ୍ଥାୟୀ ବିଶ୍ରାମ ଘରେ ବସି ଲେଖୁ ଲେଖୁ ରାତି ପ୍ରାୟ ଦୁଇଟା ବାଜି ଯାଇଥିଲା । ପରଦିନ, ଭୁବନେଶ୍ୱର ଫେରନ୍ତା ବାଟରେ, କେତେବେଳେ ଗଛମୂଳେ ବସି ତ କେତେବେଳେ ଗାଡ଼ି ଭିତରେ ରହି ରହି ମୁଁ ଗପଟିର ଚିଠା ସଂଶୋଧନ କରିଥିଲି । ସାରା ରାସ୍ତା ମୋତେ ଆଚ୍ଛନ୍ନ କରି ରଖିଥିଲା ରେବତୀର ସଜଳ ନିରିମାଖି ମୁହଁଟି । ଜାଣେ ନାହିଁ, ସାହିତ୍ୟର ଉଚ୍ଚା ଉଚ୍ଚା ପାହାଚର ଦରବାରରେ ରେବତୀକୁ ଠାଇଁ ମିଳିବ କି ନାହିଁ; କିନ୍ତୁ ମୋ ଛାତି ଭିତରେ ରେବତୀ ସେମିତି ବଞ୍ଚିଥିବ ଚିରକାଳ । ରେବତୀ ବିନା ମୋର ମୁକ୍ତି ନାହିଁ, ଏପରିକି ମୃତ୍ୟୁ ବି ନାହିଁ ।

- ଗୋଟିଏ ଜହ୍ନରାତିରେ ମୋ ସହିତ ବଗିଚାରେ ବସି ଗପସପ କରୁ କରୁ ମୋ ଘରକୁ ଆସିଥିବା ଜଣେ ଅତିଥି ଆକାଶକୁ ଚାହିଁ କହିଥିଲେ, "ଏମିତି ଜହ୍ନରାତିରେ ମୋର ଗୋଟିଏ ଗପ କଥା ମନେପଡ଼େ, ଯେଉଁଥିରେ ଦି'ଧାଡ଼ି କବିତା ଥିଲା ଏଇମିତି: ତୁମେ କେଉଁ ସ୍ୱପ୍ନ ନୀଳ ଆକାଶର ତାରା ! ଦୂର କେଉଁ ଗ୍ରହର ଇସାରା ।"
ତା'ପରେ ସେ କହିଥିଲେ, "ଏ ଗୋଟେ ପୁରୁଣା ଲେଖା । ଲେଖକ କିଏ ମୁଁ ଜାଣେନା, ହୁଏତ ସେ ଲୋକ ମରିହଜି ଗଲାଣି ।"
ଭଦ୍ରଲୋକଙ୍କର ଏହି ମୃତ୍ୟୁଦଣ୍ଡ ମୋ ପାଇଁ ଗ୍ରହଣଯୋଗ୍ୟ ନ ଥିବାରୁ, ମୁଁ ବାଧ୍ୟ ହୋଇ କହିଥିଲି, ଗପଟି ପ୍ରକାଶିତ ହୋଇଥିଲା 'ଝଙ୍କାର' ପତ୍ରିକାରେ ୧୯୭୨ ମସିହାରେ ଓ ଏହାର ଲେଖକର ନାମ ତରୁଣକାନ୍ତି ମିଶ୍ର । ଗପଟିର ନାମ 'ଅନେକ ଦୂର' ।

- କେହି ତୁମ ଲେଖାକୁ ଅପେକ୍ଷା କରି ରହିଛି, ଏ କଥା ଭାବିଲେ ବଡ଼ ବିପନ୍ନ ଲାଗେ; ବଡ଼ ଅସହାୟ ଲାଗେ । ମୁଁ କ'ଣ ସତରେ ତା'ର ପ୍ରତ୍ୟାଶିତ ଲେଖାଟିଏ ଲେଖି ପାରିବି, ଛୁଇଁ ପାରିବି ତା' ହୃଦୟର ସବୁଠାରୁ କୋମଳ ସ୍ପର୍ଶକାତର ଅଂଶବିଶେଷକୁ ? ଯଦି ନ ପାରିବି, ତେବେ ମୁଁ ହରାଇ ବସିବି ସେହି ପାଠକର ସରାଗ ଟିକକୁ । ସରାଗ ନ ଥିଲେ, ଲେଖାଟିଏ ଲେଖିବାର କିଛି ମାନେ ହିଁ ନାହିଁ । ଏ କଥା ସତ ଯେ ପ୍ରତି ଲେଖକର କଳ୍ପନାରେ ଥାଏ ତା'ର ପ୍ରିୟ ପାଠକଟିଏ, ଯାହା ପାଇଁ ସେ ଲେଖେ । ବିନିଦ୍ର ରାତିରେ ଏକୁଟିଆ ବସି ଲେଖୁ ଲେଖୁ

ଲେଖକଟିଏ ଅନୁଭବ କରେ, ସେ ପାଠକଟି ତା' ପଛଆଡ଼େ ଚୁପ୍‌ଚାପ୍ ଠିଆ ହୋଇ ଲେଖାଟି ପଢୁଛି । କିନ୍ତୁ ଦୁଃଖ ଏତିକି, ସେ ପଦେ ବି କଥା କହେ ନାହିଁ । ସେ କହେ ନାହିଁ, ମୁଁ ସଦ୍ୟ ଲେଖିଥିବା ଧାଡ଼ିଟି ଠିକ୍ କି ଭୁଲ୍ । ସେ ମୋ'ଠାରୁ କ'ଣ ଚାହୁଁଛି, ତାହା ମୁହଁ ଖୋଲି ଆଦୌ କହେ ନାହିଁ । ଗପ ନ ଲେଖିବା ଭାରି କଷ୍ଟ । ଆହୁରି କଷ୍ଟ ଗପଟିଏ ନ ଲେଖିପାରିବା ।

- ମତେ କାହାଣୀ ପଢ଼ିବାକୁ ଭଲ ଲାଗେ । ମୁଁ ଭାବେ, ଅଧିକାଂଶ ପାଠକ-ପାଠିକା ତାହା ହିଁ ଖୋଜନ୍ତି । ତେବେ କାହାଣୀ ନ ଥାଇ ବି ଚମତ୍କାର ଗପ ଲେଖାଯାଇ ପାରିବ । କିନ୍ତୁ ତାହା ଅତ୍ୟନ୍ତ କଷ୍ଟକର, ସଗୁଣ ଉପାସନାଠାରୁ ନିର୍ଗୁଣ ଉପାସନା ଯେପରି ଅଧିକ ଜଟିଳ । ××× ସାହିତ୍ୟରେ ସବୁ ପ୍ରକାରର ପ୍ରୟୋଗାତ୍ମକ ନିରୀକ୍ଷା ହେବା ଦରକାର । ଗତାନୁଗତିକତା ଭିତରେ ଛନ୍ଦି ହୋଇଗଲେ, ସାହିତ୍ୟ ସ୍ଥାଣୁ ପାଲଟିଯିବ ।

- କଥାସାହିତ୍ୟର ପରିଧି ବିସ୍ତୀର୍ଣ୍ଣ । ଅନ୍ତରୀକ୍ଷ ପରି ନିଃସୀମ ଓ ରହସ୍ୟମୟ । ସାହିତ୍ୟର ଅବକ୍ଷୟ ନାହିଁ । ଜୀବନର ବର୍ଣ୍ଣବିଭବ ଯେମିତି ବଦଳୁଥାଏ, ସେପରି ବଦଳୁଥାଏ ସାହିତ୍ୟର ଆଙ୍ଗିକ ଓ ନିର୍ଯ୍ୟାସ । ସାହିତ୍ୟରେ ଯେଉଁ ପରୀକ୍ଷା ନିରୀକ୍ଷା ହୁଏ, ତାହା କେତେକ ପାଠକ ଓ ସମାଲୋଚକ ଅବକ୍ଷୟ ବୋଲି ବିବେଚନା କରିଥାଆନ୍ତି । କାରଣ ତାହା ସେମାନଙ୍କର ମନଃପୂତ ହୁଏ ନାହିଁ, ଅଥଚ ସେମାନଙ୍କର ମାନସିକ ନିରାପତ୍ତାକୁ କ୍ଷୁଣ୍ଣ କରେ । ମହାକାଳର କ୍ଷୟ ନାହିଁ; ଆତ୍ମାର କ୍ଷୟ ନାହିଁ; ସାହିତ୍ୟର କ୍ଷୟ ନାହିଁ ।

- ଜୀବନର ଅର୍ଥ ବନ୍ଧନ କିମ୍ବା ମୁକ୍ତି ନୁହେଁ । ବନ୍ଧନ ଓ ମୁକ୍ତିର ସଂଗୀତ ଜୀବନ-ଆବର୍ତ୍ତର ଦୁଇଟି ସ୍ୱର । ସେ ଦୁଇ ସ୍ୱର ଭିତରେ ଅନ୍ୟ ଏକ କ୍ଷୀଣ ଅଥଚ ବୋଧ ସଂଗୀତର ସ୍ୱର ରହିଛି । ସେ ସ୍ୱର ଜୀବନ-ସଂଗ୍ରାମର ସ୍ୱର ।

- ଶିଳ୍ପୀର କଳ୍ପନାଲୋକ ତା'ର ଜଣାଶୁଣା ସଂସାରଠାରୁ ଅଧିକ ବିସ୍ତୀର୍ଣ୍ଣ, ରହସ୍ୟମୟ ଓ ସମ୍ଭାବନାପୂର୍ଣ୍ଣ । ଛୋଟବଡ଼ ସବୁ ଶିଳ୍ପୀଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ । ମୁଁ ତା'ର ବ୍ୟତିକ୍ରମ ନୁହେଁ ।

- ପ୍ରେମ ଏକ ବ୍ୟାପକ ସଂଜ୍ଞା । ପ୍ରେମ ଭିତରେ ରହିଚି ଜୀବନର ଉନ୍ମେଷ ଓ ଉତ୍ତରଣ । ନାରୀ ଓ ପୁରୁଷଙ୍କ ପ୍ରେମ, ପ୍ରେମ- ମୁକୁରର ଏକ ଭଗ୍ନାଂଶ । ତଥାପି ସେହି ଟୁକୁରାଏ କାଚ ଭିତରେ ରହିଛି ସହସ୍ର ସୂର୍ଯ୍ୟର ବର୍ଣ୍ଣ ବିଭବ । ସେହି ଅଜସ୍ର ବର୍ଣ୍ଣାଳୀ ଭିତରୁ କିଛି ସଂଗ୍ରହ କରି ମୁଁ କେତୋଟି ଇନ୍ଦ୍ରଧନୁର ଛବି ଆଙ୍କିଛି; ଦୁର୍ବଳ, ଅନଭ୍ୟସ୍ତ ହାତରେ ।

- ପ୍ରତ୍ୟେକ ଆଞ୍ଚଳିକ ଭାଷାର ନିଜସ୍ୱ ସୌନ୍ଦର୍ଯ୍ୟ ରହିଛି । ସେହି ସୌନ୍ଦର୍ଯ୍ୟର ରୁଚିପୂର୍ଣ୍ଣ ସମନ୍ୱୟ କରାଗଲେ, ସାମୂହିକ ଜୀବନ ଋଦ୍ଧିମନ୍ତ ହୋଇପାରିବ ।

- ଓଡ଼ିଶାର ବୁଦ୍ଧିଜୀବୀ ମହଲରେ ହୀନମନ୍ୟତାର ଏକ ଅନ୍ତଃସ୍ରାବୀ ସ୍ରୋତ ରହିଛି, ଯାହା ସୃଜନୀଶୀଳତାର ପରିପନ୍ଥୀ ।

- ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଗଳ୍ପ ଓ ଉପନ୍ୟାସ ଅଲଗା ହେଲେ ସୁଦ୍ଧା ଉଭୟର ଅନ୍ତଃସ୍ୱର ମୋଟାମୋଟି ସମାନ; ଯେପରି ଝରଣାର କୁଳୁକୁଳୁ ଶବ୍ଦ ଓ ସମୁଦ୍ରର ଘୁ ଘୁ ଗର୍ଜନ ଭିତରେ ଏକ ଓ ଅନନ୍ୟ ଜୀବନର ମୂର୍ଚ୍ଛନା ରହିଛି । ଉଭୟ ଗଳ୍ପ ଓ ଉପନ୍ୟାସ ମୋତେ ସମାନ ଆନନ୍ଦ ଦେଇଥା'ନ୍ତି । ମୁଁ ଉପନ୍ୟାସରେ ଅଧିକ ଧ୍ୟାନ ନ ଦେଇ ଗଳ୍ପ ଲେଖିବାକୁ ପସନ୍ଦ କଲି ମୁଖ୍ୟତଃ ଏଇଥିପାଇଁ ଯେ, ଉପନ୍ୟାସ ପଢ଼ିବାକୁ ଏବେ ପାଠକ ହାତରେ ବିଶେଷ ସମୟ ନାହିଁ ।
- ଦଣ୍ଡକାରଣ୍ୟ ପୃଷ୍ଠଭୂମିରେ ରଚିତ 'ଶରଦଃ ଶତମ୍' କଳାତ୍ମକ ଦୃଷ୍ଟିରୁ ଏକ ଅସଫଳ ଉପନ୍ୟାସ ବୋଲି ମୋର ବେଳେବେଳେ ଧାରଣା ହୁଏ । ଅନେକ ପାଠକ ଏହାକୁ ଅସଂପୂର୍ଣ୍ଣ କହି ଶିଷ୍ଟତାର ପରିଚୟ ଦେଇଛନ୍ତି ମାତ୍ର । ଯାହା ମୋର କହିବାର ଥିଲା ଏ ଉପନ୍ୟାସରେ, ତାହାର କାଣିଚାଏ ସୁଦ୍ଧା ମୁଁ କହିପାରି ନାହିଁ । ମଝିରେ ଯେବେ ମୁଁ ଏ ବହିର ପୃଷ୍ଠା ଓଲଟାଏ, ମୁଁ ଅନୁଭବ କରେ ଏକ ବିସ୍ତୀର୍ଣ୍ଣ ଶୂନ୍ୟତାକୁ, ବିପନ୍ନ ଅସମର୍ଥତାକୁ । ତେବେ ଏ କଥା ସତ, ମୁଁ ଭଲପାଇଛି ସେହି ମାଟିକୁ, ସେହି ମାଟିର ମଣିଷମାନଙ୍କୁ । ନହେଲେ ଲେଖି ନ ଥା'ନ୍ତି ସେହି ଉପନ୍ୟାସଟି, ରାତି ପରେ ରାତି ।
- ଜଙ୍ଗଲର ଭାଷା ଗୋଟିଏ; ସେ ଓଡ଼ିଶାର ହେଉ କି ଆଫ୍ରିକାର । ଜୀବନସତ୍ତା ସବୁଠି ସମାନ, ଜୀବନ ସାର୍ବଜନୀନ; ଠିକ୍ ଜଙ୍ଗଲ ପରି ।
- ପିଲାଟି ଦିନୁ ମୁଁ ମୋର ସାହିତ୍ୟିକ ଅଙ୍ଗୀକାର ସମ୍ପର୍କରେ ଘୋର ସଚେତନ, ମୋର ଯୋଗ୍ୟତା ନେଇ ସଂଶୟାଚ୍ଛନ୍ନ ପୁଣି ସମ୍ଭାବନା ନେଇ ଆଶାବାଦୀ । ଏ ସମସ୍ତ ଦ୍ୱିଧା ଭିତରେ ଯଦି ମୁଁ ନିଃସଙ୍ଗ ହୋଇଯାଇଥାଏ, ତେବେ ତାହା ହିଁ ମୋର ଅବଶ୍ୟମ୍ଭାବୀ ପରିଣତି । ସେଥିରୁ ନିସ୍ତାର ନାହିଁ ।
- ମୋର ପ୍ରତିଟି ଗଳ୍ପରେ ରହିଛି କିଛି କିଛି ଅପୂର୍ଣ୍ଣତାର ସ୍ୱାକ୍ଷର । କିଛି ଅଭାବ । ସେହି ଅଭାବ ଓ ଅସମର୍ଥତାକୁ ଅତିକ୍ରମ କରିବାକୁ ମୁଁ ନୂଆ ଗପଟିଏ ଲେଖି ବସେ; ପୁଣି ସେହି ଅପୂର୍ଣ୍ଣତାର ଗ୍ଲାନି ଭୋଗିବା ପାଇଁ । ସବୁ ଶିଳ୍ପୀ, ଛୋଟରୁ ବଡ଼ ଯାଏ, ଏହି ଯନ୍ତ୍ରଣା ଭିତରେ ଜୀବନ ବିତାଇ ଦିଅନ୍ତି ।
- ମୁଁ ଜାଣେ, ସମୟକୁ ଅତିକ୍ରମ କଲାଭଳି ମୋ ଲେଖାରେ କିଛି ନାହିଁ; ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରିବା ମୋ କ୍ଷମତାର ବାହାରେ । କିନ୍ତୁ ମୋର ଏତିକି ପରିତୃପ୍ତି ଯେ ମୁଁ ନିଜକୁ ନିଜେ ଅକପଟ ଭାବେ, ସ୍ୱାଭାବିକ ଭାବେ, ପାଠକ ନିକଟରେ ସମର୍ପଣ କରିଛି ।
- ସାହିତ୍ୟିକ ହିସାବରେ ମୁଁ ମୋର ଅକ୍ଷମତା ସମ୍ପର୍କରେ ଘୋର ସଚେତନ । ସୀମାବଦ୍ଧ ମୋର ଜୀବନ । ସୀମିତ ମୋର ଅଭିଜ୍ଞତା । ଗୋଟିଏ ଗାଳ୍ପିକର ଯେଉଁ କାବ୍ୟ-ଜିଜ୍ଞାସା ରହିବା ଦରକାର, ତା' ହୁଏତ ମୋର ରହିଛି । କିନ୍ତୁ ଅଭିଜ୍ଞତା ନ ଥିଲେ, କ'ଣ ହେବ; କ'ଣ ବା ଅନ୍ୟକୁ ବୁଝାଇ ହେବ? ହୁଏତ ସେଥିପାଇଁ ମୁଁ ବେଶୀ କିଛି ଲେଖିପାରିବି ନାହିଁ । ଏ ବ୍ୟର୍ଥତା ମୋତେ କଷ୍ଟ ଦେଇ ଚାଲିଥିବ ମୋର ଅବଶିଷ୍ଟ ଜୀବନକାଳ ।



ପରିବାର ଗହଣରେ ଶ୍ରୀ ମିଶ୍ର

ବର୍ଷକ ମଧ୍ୟରେ ବିଭିନ୍ନ ଓଡ଼ିଆ ପତ୍ର-ପତ୍ରିକାରେ ପ୍ରକାଶିତ ଗଳ୍ପଗୁଡ଼ିକ ମଧ୍ୟରୁ ଚୟନିତ ପାଞ୍ଚଟି ପ୍ରିୟ ଗଳ୍ପକୁ ନେଇ ପରିକଳ୍ପିତ 'ଆମ ସମୟର ସୃଜନୀ' (ମନୋରଞ୍ଜନ ଦାସ ବିଶେଷାଙ୍କ-୨୦୦୩)ର 'ପ୍ରିୟ ପଞ୍ଚକ' ପ୍ରସ୍ଥର ଉପସଂହାରରେ ସ୍ୱନାମଧନ୍ୟ ଗାଳ୍ପିକ ବିଭୂତି ଭୂଷଣ ପ୍ରଧାନ ନିଜ ଅବସୋସର କଥା ଉଲ୍ଲେଖ କରି ଲେଖିଥିଲେ- "ବର୍ଷସାରା ମନେ ମନେ ଖୋଜୁଥିଲି ଆଉଜଣେ ପ୍ରିୟ ଗାଳ୍ପିକଙ୍କ ଗପ । ଭାରି ଭଲଲାଗେ, ତାଙ୍କ ମେଘ, ଜହ୍ନ, ନଈ, ଆକାଶ ଓ ଭଲପାଇବାର କଥା । କିନ୍ତୁ ସେ ଏ ବର୍ଷ ଗଳ୍ପ ଲେଖିଲେନି କି ମୁଁ ପଢ଼ି ପାରିଲିନି, ଜାଣେନା । ତେଣୁ ପୁଣି ଗୋଟିଏ ବର୍ଷକୁ ଅପେକ୍ଷା । ଆରବର୍ଷ ଲେଖିବି ସେ କଥା । ଯଦି ଏ ବର୍ଷ ସେ ଗପ ଲେଖନ୍ତି ଏବଂ ମୋତେ କେହି ପଚାରନ୍ତି ଭଲ ଲାଗିଥିବା ଗପମାନଙ୍କ କଥା ।" କହିବା ବାହୁଲ୍ୟ, ଗାଳ୍ପିକ ବିଭୂତି ଭୂଷଣଙ୍କର ସେଇ ପ୍ରିୟ ଗାଳ୍ପିକ ଜଣକ ଥିଲେ, ଆମ ସମୟର ଅନ୍ୟତମ ଲବ୍ଧପ୍ରତିଷ୍ଠ କଥାକାର ତରୁଣକାନ୍ତି ମିଶ୍ର । ପତ୍ରିକାର ପରବର୍ତ୍ତୀ ସଂଖ୍ୟା (ଚିତ୍ତରଞ୍ଜନ ଦାସ ବିଶେଷାଙ୍କ-୨୦୦୪)ର 'ପ୍ରିୟ ପଞ୍ଚକ' ପ୍ରସ୍ଥର ଉପସଂହାରରେ ମଧ୍ୟ ସୁପରିଚିତା ଗାଳ୍ପିକା ହିରଣ୍ମୟୀ ମିଶ୍ର ସେଇ ଏକା କଥାକୁ ଦୋହରାଇଥିଲେ ଏମିତି- "ଗତବର୍ଷ ସାରା ମୋ ପ୍ରିୟ ଗାଳ୍ପିକ ତରୁଣକାନ୍ତି ମିଶ୍ରଙ୍କର ଗପ ନ ପଢ଼ିପାରିବାର ଅବସୋସ ରହିଛି ମୋ ମନରେ ତୀବ୍ର ଭାବରେ । ଆଶା, ଏ ବର୍ଷ ତାଙ୍କର ସୁନ୍ଦର ଗପ ପଢ଼ିବାର ବିଭୋର ମୁହୂର୍ତ୍ତର ପ୍ରତୀକ୍ଷା ମୋର ଶେଷ ହେବ ।" ସତରେ, ପ୍ରସିଦ୍ଧିଠାରୁ ସିଦ୍ଧିକୁ ଶ୍ରେୟ ମଣୁଥିବା ଜଣେ ସଫଳ ସ୍ରଷ୍ଟାଙ୍କ ଲେଖନୀର ସ୍ପର୍ଶ ପାଇଁ କି ବେହାଗ ବ୍ୟାକୁଳତା, କି ପାଠକୀୟ ପ୍ରତୀକ୍ଷା ! ଅଭିନନ୍ଦନ ସାର୍ଥକ କଥାଶିଳ୍ପୀ ତରୁଣକାନ୍ତି ମିଶ୍ରଙ୍କୁ-ପ୍ରଣାମ ସେଇ କିମ୍ବଦନ୍ତୀୟ କଥାକାରଙ୍କ ମଧୁସ୍ରାବୀ ଲେଖନୀକୁ !!

**ହରିହର ଶୁକ୍ଳ**